୨୧-୨୭ ଏପ୍ରିଲ୍ ୨୦୨୪

ସକାଳ
THE SAKALA

ରବିବାର
ସିନ୍ଦୂରା

- ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟ
- କଳିଙ୍ଗ ଓ ସିଂହଳ ମଧ୍ୟରେ ନୌବାଣିଜ୍ୟ
- କଟକର ନୌବାଣିଜ୍ୟ
- କଳିଙ୍ଗ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଅଧ୍ୟାୟ
- ଓଡ଼ିଆ ସାହିତ୍ୟରେ ନୌବାଣିଜ୍ୟ
- ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ



# ପ୍ରାଚୀନ ଉତ୍କଳର ନୌବାଣିଜ୍ୟ



ଓଡ଼ିଶାର ପ୍ରାଚୀନ ନାମ କଳିଙ୍ଗ ବା ଉତ୍କଳ । ପ୍ରାଚୀନ କଳିଙ୍ଗର ଅଧିବାସୀ ନୌବାଣିଜ୍ୟ କ୍ଷେତ୍ରରେ ଥିଲେ ବେଶ୍ ପାରଙ୍ଗମ । ଅତୀତରେ ସାଧବପୁଅମାନେ ସମୁଦ୍ର ପଥରେ ଦୁଃସାହସିକ ନୌକା ଯାତ୍ରା କରି ସୁଦୂର ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ଦେଶରେ ବାଣିଜ୍ୟ କାରବାର କରୁଥିଲେ । ଆଉ ସେଠାରୁ ନିଜ ରାଜ୍ୟକୁ ବୋହି ଆଣୁଥିଲେ ଅନେକ ଧନରତ୍ନ । ତତ୍କାଳୀନ କଳିଙ୍ଗରେ ନିର୍ମିତ ସୂକ୍ଷ୍ମ ରେଶମପାଟ, ଶାଢ଼ି, ବିଭିନ୍ନ ହସ୍ତତନ୍ତ, ପ୍ରସ୍ତର ମୂର୍ତ୍ତି, ଚାଉଳ, ପଥର ବାସନ, ପଥରରେ ନିର୍ମିତ ସାମଗ୍ରୀ ପ୍ରଭୃତି ବିଦେଶକୁ ପଠାଯାଉଥିଲା । ସେ ସବୁର ବିନିମୟରେ ସେଠାରୁ ଚନ୍ଦ୍ରକାନ୍ତ ଓ ସୂର୍ଯ୍ୟକାନ୍ତ ମଣି, ମୁକ୍ତା, ହୀରା, ଶାଳଗ୍ରାମ ଶିଳା, ହାତୀଦାନ୍ତ, ବାଘନଖ, ଗଣ୍ଡାଚମଡ଼ା, କସ୍ତୁରୀ, ଗୁଆ, ଗୋଲମରିଚ ଓ କାର୍ପାସ ବସ୍ତ୍ର ପ୍ରଭୃତି ପଦାର୍ଥ ନିଜ ଦେଶକୁ ଆଣୁଥିଲେ । ଅନେକ ଦେଶ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ଅତ୍ୟନ୍ତ ଘନିଷ୍ଠ ଥିଲା । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ଓଡ଼ିଆ ଜାତିର ତତ୍କାଳୀନ ସାଂସ୍କୃତିକ,ସାମାଜିକ, ଅର୍ଥନୈତିକ, ରାଜନୈତିକ କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

ପୁରାଣଠାରୁ ଆରମ୍ଭ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ସବୁଠି ନୌବାଣିଜ୍ୟ ପରମ୍ପରାର ଚିତ୍ର ପ୍ରତିଫଳିତ । ସ୍କନ୍ଦ ପୁରାଣ, ପଦ୍ମ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ଅଗ୍ନି ପୁରାଣ, ମାର୍କଣ୍ଡେୟ ପୁରାଣ, ମତ୍ସ୍ୟ ପୁରାଣ, ମହାଭାରତ, ରାମାୟଣ ଆଦିରେ ନୌବାଣିଜ୍ୟ ସଂପର୍କରେ ବର୍ଣ୍ଣନା ରହିଛି । ଅନେକ କାବ୍ୟକବିତା, ଢଗଢମାଳି, ଲୋକକଥା, ଲୋକ ସାହିତ୍ୟ, କିମ୍ବଦନ୍ତୀ, ଓଷାବ୍ରତ ଆଦିରେ ଓଡ଼ିଆ ସାଧବ ସଂସ୍କୃତି ଓ ନୌବାଣିଜ୍ୟ କଥା ବର୍ଣ୍ଣିତ ହୋଇଛି । ଓଡ଼ିଆ ସାମାଜିକ ଜୀବନଧାରାରେ ଓତପ୍ରୋତ ଭାବେ ଜଡ଼ିତ ନୌବାଣିଜ୍ୟ ପରମ୍ପରା ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଗଢ଼ିଉଠିଥିଲା ଅନେକ ବନ୍ଦର । ସେତେବେଳେ ନଦୀ ଓ ସମୁଦ୍ର ଥିଲା ବ୍ୟବସାୟର ଅନ୍ୟତମ ପ୍ରମୁଖ ପଥ । ବିଭିନ୍ନ ବନ୍ଦର, ମୁହାଣ ପାଲଟିଥିଲା ବାଣିଜ୍ୟର ମୁଖ୍ୟ କେନ୍ଦ୍ର । ବର୍ତ୍ତମାନ ନୌବାଣିଜ୍ୟ ପରମ୍ପରା ସ୍ମୃତି ହୋଇ ରହିଯାଇଛି । ଓଡ଼ିଶାରେ ଥିବା ଅନେକ ବନ୍ଦର ଓ ନଦୀ ଏବେ କାଳଗର୍ଭରେ ଲୀନ ହୋଇଗଲାଣି । କେବଳ ଅତୀତର ସ୍ମୃତି ହୋଇରହିଛି ଓଡ଼ିଆ ଜାତିର ଏହି ମହାନ୍ ପରମ୍ପରା । ଅତୀତର ସେଇ ମହାନ୍ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଓଡ଼ିଆମାନେ କାର୍ତ୍ତିକ ପୂର୍ଣ୍ଣିମାରେ ନଦୀ ଓ ପୁଷ୍କରିଣୀରେ ପାଳନ କରନ୍ତି ବୋଇତ ବନ୍ଦାଣ ଉତ୍ସବ । ବାଲିଯାତ୍ରା ଓ ବୋଇତ ବନ୍ଦାଣ ପ୍ରଥା ସାଧବପୁଅର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ଦିଏ । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ ଓ ସ୍ମୃତିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ: **ପ୍ରାଚୀନ ଉତ୍କଳ ନୌବାଣିଜ୍ୟ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବିବାରରେ କିଛି ଭଲ ଖବର ଶୁଣିବାକୁ ମିଳିପାରେ । କର୍ମକ୍ଷେତ୍ରରେ ପଦୋନ୍ନତିର ସୁଯୋଗ ପାଇବେ । ସୋମ, ମଙ୍ଗଳ,ବୁଧବାରରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ । ଗୁରୁ,ଶୁକ୍ର, ଶନିବାରରେ ଜଟିଳ କାର୍ଯ୍ୟକୁ ସଂପାଦନ କରିବାକୁ ସକ୍ଷମ ହେବ । ପରିବାର ସହ ସୁଖଦ ସମୟ କଟାଇବେ ।

**ବୃଷ**
ରବିବାରରେ ଜୀବନରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇବେ । ସୋମ, ମଙ୍ଗଳ, ବୁଧବାରରେ ଦାମ୍ପତ୍ୟ ଜୀବନରେ ଖୁସିର ସଞ୍ଚାର ଦେଖାଦେବ । ନିଜ ବାକ୍ୟ ଉପରେ ସଂଯମତା ରକ୍ଷା କରି କଥା କୁହନ୍ତୁ । ଗୁରୁ,ଶୁକ୍ର, ଶନିବାରରେ ଭାଗୀଦାରୀ କାର୍ଯ୍ୟରେ ଲାଭବାନ ହେବେ ।

**ମିଥୁନ**
ରବିବାରରେ ଜୀବନରେ ନୂତନ ମୋଡ଼ ସୃଷ୍ଟି ହୋଇପାରେ । ସୋମ, ମଙ୍ଗଳ, ବୁଧବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ବିରୋଧାଭାସ ମନୋବୃତ୍ତି ରଖି କଷ୍ଟ ପାଇବେ । ଅର୍ଥାଭାବ ଦେଖାଦେଇପାରେ । କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ ।

**କର୍କଟ**
ରବିବାରରେ କୌଣସି ବିବାହ ପ୍ରସ୍ତାବ ଆସିପାରେ । ସଫଳତା ପାଇବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରିବେ । ସୋମ, ମଙ୍ଗଳ, ବୁଧବାରରେ ଅଫିସ୍ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି, ଗୁରୁ, ଶୁକ୍ର, ଶନିବାରରେ ମନରୁ ଖରାପ ଭାବନା ଅପସରିଯିବ । ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ ।

**ସିଂହ**
ରବିବାରରେ ମନରେ ବ୍ୟାକୁଳତା ଅନୁଭବ ହେବ । ପରିବାରରେ ସୁଖଶାନ୍ତିର ପରିବେଶ ରହିବ । ସୋମ, ମଙ୍ଗଳ, ବୁଧବାରରେ ଚିନ୍ତାରେ ବୁଡ଼ି ରହିବେ । ଶନିବାରରେ ଛାତ୍ରଛାତ୍ରୀମାନେ ସଫଳତା ପାଇବେ । ଗୁରୁ,ଶୁକ୍ର, ଶନିବାରରେ ଘରେ ଶାନ୍ତିଶୃଙ୍ଖଳା ରହିବ । ମନରେ ଦୁଶ୍ଚିନ୍ତା ଓ ଅସ୍ଥିରତା ପ୍ରକାଶ ପାଇବ ।

**କନ୍ୟା**
ରବିବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ସୋମ, ମଙ୍ଗଳ,ବୁଧବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଗୁରୁ,ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ । ପୈତୃକ ସମ୍ପତ୍ତିରେ ଭାଗୀଦାରୀ ପାଇପାରନ୍ତି ।

**ତୁଳା**
ରବିବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ । ସୋମ, ମଙ୍ଗଳ, ବୁଧବାରରେ ସାଙ୍ଗ ତଥା ପରିବାରବର୍ଗଙ୍କ ସହ ଆନନ୍ଦରେ ସମୟ କଟାଇବେ । ଗୁରୁ,ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସମୟ ପୂର୍ବରୁ କାର୍ଯ୍ୟ କରି ପ୍ରଶଂସିତ ହେବେ । ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ ।

**ବିଛା**
ରବିବାରରେ ନିଜ ଲୋକଙ୍କ ସହଯୋଗ ପାଇବେ । ଅନ୍ୟ ଉପରେ ଅଧିକ ଭରସା କରନ୍ତୁ ନାହିଁ । ସୋମ,ମଙ୍ଗଳ,ବୁଧବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ପରିବାର ସହ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ କରିପାରନ୍ତି । ଗୁରୁ,ଶୁକ୍ର, ଶନିବାରରେ ଦାମ୍ପତ୍ୟ ସମ୍ପର୍କରେ ମଧୁରତା ବଢ଼ିବ ।


**ଧନୁ**
ରବିବାରରେ ସମସ୍ତ ବାଧାବିଘ୍ନ ଦୂର ହେବ । କୋର୍ଟ ସମ୍ବନ୍ଧୀୟ ମାମଲାଗୁଡ଼ିକର ନିଷ୍ପତ୍ତି ଆପଣଙ୍କ ସପକ୍ଷରେ ହୋଇପାରେ । ସୋମ, ମଙ୍ଗଳ, ବୁଧବାରରେ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଗୁରୁ,ଶୁକ୍ର, ଶନିବାରରେ ନୂତନ ନିଯୁକ୍ତି ସୁଯୋଗ ପାଇବେ । ମହିଳାମାନେ ସ୍ୱାବଲମ୍ବୀ ହେବେ ।

**ମକର**
ରବିବାରରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା କାର୍ଯ୍ୟ ପୂରଣ ହେବ । ସୋମ, ମଙ୍ଗଳ, ବୁଧବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟରେ ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟରେ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଆର୍ଥିକ ଅବସ୍ଥାରେ ଉନ୍ନତି ହେବ ।

**କୁମ୍ଭ**
ରବିବାରରେ କିଛି ଅସୁବିଧାର ସମ୍ମୁଖୀନ ହେବେ । ସୋମ, ମଙ୍ଗଳ, ବୁଧବାରରେ ଦୀର୍ଘ ଦିନର ଅସୁସ୍ଥତା ହେତୁ ଶାରୀରିକ ଯନ୍ତ୍ରଣା ଅନୁଭବ କରିପାରନ୍ତି । ଗୁରୁଜନଙ୍କ ସ୍ୱାସ୍ଥ୍ୟର ଯତ୍ନରେ ଅବହେଳା କରିପାରନ୍ତି । ଗୁରୁ,ଶୁକ୍ର, ଶନିବାରରେ ବ୍ୟବସାୟ ସମ୍ବନ୍ଧୀୟ ନିଷ୍ପତ୍ତି ଭଲ ଭାବେ ଭାବିଚିନ୍ତି ନିଅନ୍ତୁ ।

**ମୀନ**
ରବିବାରରେ ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହିବେ । କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ । ସୋମ,ମଙ୍ଗଳ,ବୁଧବାରରେ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ । ଗୁରୁ,ଶୁକ୍ର, ଶନିବାରରେ ନୂତନ ନିବେଶ ପାଇଁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିବେ । ବ୍ୟବସାୟୀମାନେ ଲାଭବାନ ହେବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟ



ଡକ୍ଟର ସୁନୀଲ କୁମାର ପଟ୍ଟନାୟକ

ଓଡ଼ିଶାର ନୌବାଣିଜ୍ୟର ଇତିହାସ ଏବଂ ପରମ୍ପରା ବେଶ୍ ସମୃଦ୍ଧ । ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଭୂଖଣ୍ଡ ଯାହା ପ୍ରାଚୀନ ଐତିହାସିକ ସମୟରେ କଳିଙ୍ଗ, ଉତ୍କଳ ଏବଂ ଓଡ୍ର ନାମରେ ପରିଚିତ । ଏହା ସମୟର ବିବର୍ତ୍ତନରେ ଇତିହାସର ପ୍ରଥମ ଭାଗରେ କଳିଙ୍ଗ ଓ ଉତ୍କଳର ନୌବାଣିଜ୍ୟ ଧାରାବାହିକ ଇତିହାସ ପାଇଁ ଆମେ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅଭିଲେଖ ଏବଂ ବିଭିନ୍ନ ଐତିହାସିକ ସ୍ମାରକୀ ଓ ମନ୍ଦିରଗୁଡ଼ିକରେ ଅଙ୍କିତ ସ୍ଥାପତ୍ୟ କଳାରୁ ଐତିହାସିକ ଉପାଦାନ ସଂଗ୍ରହ କରିଥାଉ । ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶାର ଅବସ୍ଥିତି, ଦକ୍ଷିଣ ଓ ଉତ୍ତର ଭାରତ ମଧ୍ୟରେ ଏକ ସାଂସ୍କୃତିକ ସେତୁ ସ୍ୱରୂପ ପୂର୍ବରେ ମହୋଦଧିର ଅବସ୍ଥିତି ପୋତ ଚାଳନା କ୍ଷେତ୍ରରେ ପ୍ରେରଣା ଯୋଗାଇଛି । ପ୍ରାଚୀନ କଳିଙ୍ଗର ଅଭିଜ୍ଞ ନାବିକ ଓ ସାଧବଗଣ ସମୁଦ୍ରବକ୍ଷରେ ପୋତ ଚାଳନା କରି, ଶ୍ରୀଲଙ୍କା, ବର୍ମା ଓ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ସହିତ ସାଂସ୍କୃତିକ ତଥା ବାଣିଜ୍ୟିକ ବିନିମୟ କରିପାରିଥିଲେ, ଯାହା ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ବଳରେ ପ୍ରାମାଣିକ ତଥ୍ୟ ହାସଲ ହୋଇପାରିଛି । ଏହାଛଡ଼ା ଆମର ବୌଦ୍ଧ ଓ ଜୈନ ସାହିତ୍ୟ ଓ ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟରେ ମଧ୍ୟ ନୌବାଣିଜିକ ଯାତ୍ରା ପ୍ରତିଫଳିତ ହୋଇଅଛି । ଓଡ଼ିଆ ସାହିତ୍ୟ କୃତିଗୁଡ଼ିକ ଯଥା – 'ଉଷାବିଳାସ', 'କୈବର୍ତ୍ତଗୀତା', 'ପ୍ରେମ ସୁଧାନିଧି', 'ଖୁଦୁରୁକୁଣୀ ଓଷା', 'ଖୁଲଣା ସୁନ୍ଦରୀ' ଇତ୍ୟାଦିରେ ଜଳଯାତ୍ରା ତଥା ନୌବାଣିଜ୍ୟକୁ ନେଇ ବର୍ଣ୍ଣନା ରହିଅଛି ।


## ପ୍ରାଚୀନ ଭୌଗୋଳିକ ଅବସ୍ଥିତି

ପ୍ରାଚୀନ ଓଡ଼ିଶା ଭୂଖଣ୍ଡକୁ ଉପକୂଳବର୍ତ୍ତୀ ଅଞ୍ଚଳ, ସମତଳ ଭୂମି, ହ୍ରଦ ଏବଂ ପ୍ରାକୃତିକ ପୋତାଶ୍ରୟ ଭୌଗୋଳିକ ଉପାଦାନ ରୂପେ ସୁଦୃଢ଼ ରହିଥିବା ଜଣାଯାଏ, ଯାହା ସମ୍ରାଟ ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖ ଏବଂ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପିରୁ ବେଶ୍ ଜଣାପଡ଼େ । ପୂର୍ବାଞ୍ଚଳ ଏବଂ ନାଗପୁର ମାଳଭୂମିରୁ ପାହାଡ଼ରୁ ଉତ୍ପନ୍ନ ଅଧିକାଂଶ ନଦୀ ପ୍ରଣାଳୀ ପୂର୍ବ ଦିଗକୁ ପ୍ରବାହିତ ହୁଏ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ବିଶେଷ କରି ବୈତରଣୀ, ବ୍ରାହ୍ମଣୀ, ମହାନଦୀ, ଋଷିକୁଲ୍ୟା ଓ ବଂଶଧାରା ନଦୀ ଦ୍ୱାରା ସୃଷ୍ଟି ହୋଇଥିବା ତ୍ରିକୋଣଭୂମି ଅଧିକ ଉର୍ବର ଏବଂ କୃଷି ଜମିକୁ ସଂରକ୍ଷିତ ରଖିବାରେ ସାହାଯ୍ୟ କରେ । ଯେଉଁ ତ୍ରିକୋଣଭୂମି ଅଞ୍ଚଳଗୁଡ଼ିକରେ ଧାନ ଚାଷ କରାଯାଇ ପାରୁଥିଲା, ଏହା ବ୍ୟତୀତ ଆଖୁ, ବାଦାମ, ରବି ଓ ଅନ୍ୟାନ୍ୟ ଫସଲ ବର୍ଷ ସାରା ଚାଷ କରାଯାଇ ଏହି ଅଞ୍ଚଳକୁ ସମୃଦ୍ଧ କରିରଖିଥିଲା । ଫସଲ ବ୍ୟତୀତ ମତ୍ସ୍ୟ ଉତ୍ପାଦନ ମଧ୍ୟ ଏକ ପ୍ରଧାନ ଜୀବିକା ରୂପେ ଆଦୃତ ହୋଇ ବାଣିଜ୍ୟିକ ଅର୍ଥନୀତିକୁ ସୁଦୃଢ଼ କରିପାରିଥିଲା । ଏହାର ପ୍ରମାଣ ସ୍ୱରୂପ ନିକଟରେ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଉତଖନନ ଗୋଳବାଇ, ସୁଆବରେଇ, ଡେଲ୍ଟା ହୁଡ଼ା, ଭାରତୀ ହୁଡ଼ା ଏବଂ ଦୁର୍ଗାଦେବୀରୁ ପ୍ରମାଣିତ ହୋଇପାରିଛି । ଗୋଳବାଇ ଅଞ୍ଚଳରେ ଭୂଖନନ କରାଯାଇ ଖ୍ରୀଷ୍ଟପୂର୍ବ ୨୧୦୦ ବେଳକୁ ଓଡ଼ିଶାର ଜନଜୀବନରେ ଡଙ୍ଗାର ବ୍ୟବହାର ହୋଇଥିବା ପ୍ରମାଣ ମିଳେ । ସେହିପରି ସୁଆବରେଇ, ଭାରତୀ ହୁଡ଼ା, ଦୁର୍ଗା ଦେବୀ ଭୂଖନନରୁ ଓଡ଼ିଶର ଚାଉଳ ବ୍ୟବହାର ଖ୍ରୀଷ୍ଟ ପୂର୍ବ ୧୩୫୦ ବର୍ଷ ବେଳକୁ ହୋଇଥିବା ପ୍ରମାଣିତ ହୋଇଅଛି । ଓଡ଼ିଶାରେ ଲୌହ (Iron Technology)ର ବ୍ୟବହାର ଦୁର୍ଗା ଦେବୀ, କୁମାରସିଙ୍ଗ, ଅସୁରଗଡ଼ ଆଦିର ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରମାଣ ମିଳୁଛି ଯେ, ଖ୍ରୀଷ୍ଟପୂର୍ବ ୧୦୦୦-୮୦୦ ବର୍ଷବେଳକୁ ବେଶ୍ ସମୃଦ୍ଧ ବୈଷୟିକ ଜ୍ଞାନର ପରିପ୍ରକାଶ ହୋଇପାରିଥିଲା ।

## ● ପ୍ରାଚୀନ ସହରୀକରଣ

ଶିଶୁପାଳଗଡ଼, ରାଧାନଗର, ଅସୁରଗଡ଼, ତାଲପଡ଼ା ତଥା ବର୍ତ୍ତମାନ ରହିଥିବା ପ୍ରାଚୀନ ବନ୍ଦର ପାଲୁରଠାରେ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନରୁ ଖ୍ରୀଷ୍ଟପୂର୍ବ ୫୦୦ରୁ ଖ୍ରୀଷ୍ଟାବ୍ଦ ୫୦୦ ବର୍ଷ ବେଳକୁ ଓଡ଼ିଶାରେ ନୌବାଣିଜ୍ୟ କାରବାରର ସମୃଦ୍ଧି ରହିଥିଲା ଏବଂ ସହରାଞ୍ଚଳଗୁଡ଼ିକ ମଧ୍ୟ ଖ୍ରୀଷ୍ଟ ପୂର୍ବ ୫୦୦-୪୦୦ ବେଳକୁ ଗଢ଼ି ଉଠିଥିଲା, ଯାହାର ଭରପୂର ପ୍ରମାଣ ଦୁର୍ଗାଦେବୀ (ବାଲେଶ୍ୱର), ରାଧାନଗର (ଯାଜପୁର), ଶିଶୁପାଳଗଡ଼ ଓ ତାଳପଡ଼ା (ଖୋର୍ଦ୍ଧା), ଜଉଗଡ଼, ପାଲୁର, ଲାଠି (ଗଞ୍ଜାମ), ଏବଂ ସେବେଠାରୁ ଜଳଯାତ୍ରାର ବହୁ ପ୍ରମାଣ ମଧ୍ୟ ମିଳି ସାରିଛି । ନରାଜ ନିକଟରେ ଏକ ଶିଳା ରେଖାଚିତ୍ରରୁ ପ୍ରମାଣିତ ହେଉଛି ଯେ, ନୌଚାଳନା ମହାନଦୀ ବକ୍ଷରେ ଖ୍ରୀଷ୍ଟ ପୂର୍ବ ବହୁବର୍ଷ ପୂର୍ବରୁ ରହିଥିଲା ।

ବର୍ତ୍ତମାନ ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀ ବେଳକୁ ଆମେ ଓଡ଼ିଶାର ସହରୀକରଣ ତଥା ନୌବାଣିଜ୍ୟ ଏବଂ ସ୍ଥଳ ବାଣିଜ୍ୟର ପରାକାଷ୍ଠା ବିଶେଷ ରୂପରେ ପ୍ରାଚୀନ ବୌଦ୍ଧସ୍ଥଳୀ, ଯାହା ଖ୍ରୀଷ୍ଟ ପୂର୍ବ ୪ର୍ଥ -୩ୟ ଶତାବ୍ଦୀବେଳକୁ ଗଢ଼ି ଉଠିଥିଲା, ସେଗୁଡ଼ିକ ମଧ୍ୟରେ ରାଧାନଗର, ଲାଙ୍ଗୁଡ଼ି, ଲଳିତଗିରି,



ଅସୁରଗଡ଼ (କଳାହାଣ୍ଡି) ତାପୁରଗଡ଼ (ସୋନପୁର) ଆଦି ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନର ବିଶେଷ ଭାବେ ପ୍ରମାଣିତ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ବେଳକୁ ଯେତେବେଳେ କଳିଙ୍ଗ ଯୁଦ୍ଧ ସଂଘଠିତ ହୋଇଥିଲା, ସେତେବେଳକୁ ଓଡ଼ିଶାର ନୌବାଣିଜ୍ୟ ତଥା ସହରଗୁଡ଼ିକ ବିଶେଷ ସମୃଦ୍ଧ ଥିଲା, ଯାହା କୌଟିଲ୍ୟଙ୍କର 'ଅର୍ଥଶାସ୍ତ୍ର' ଏବଂ ମେଘାସ୍ଥନିସ୍ଙ୍କ ବିବରଣୀରୁ ମଧ୍ୟ ଜଣାପଡ଼େ । ଏହି ଐତିହାସିକ ଉପାଦାନ ବିଗତ କିଛି ବର୍ଷର ପ୍ରତ୍ନତାତ୍ତ୍ୱିକ ଗବେଷଣା ତଥା ଅନୁସନ୍ଧାନ ବିଶେଷକରି ଉକ୍ତ ବିଷୟ ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ ପୂର୍ବ ଏସିଏ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରମାଣିତ ହୋଇଅଛି, ଯଦିଚ ବହୁ ବିଶ୍ୱବିଦ୍ୟାଳୟର ଗବେଷକ ତଥା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ମଧ୍ୟ କାର୍ଯ୍ୟ କରୁଅଛନ୍ତି । ଏହି ସମସ୍ତ ଅନୁଷ୍ଠାନ ଓ ଗବେଷକଙ୍କ ଦ୍ୱାରା ବର୍ତ୍ତମାନ ଓଡ଼ିଶାର ପ୍ରାଚୀନ Proto - Historic and urban historic phase ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ସମୃଦ୍ଧ ରହିଥିଲା ଉଦୟଗିରି, ଧଉଳି, ଅରାଗଡ଼, ଜଉଗଡ଼, ପାଲୁର ଏବଂବର୍ତ୍ତମାନ ଆନ୍ଧ୍ର ପ୍ରଦେଶର ଥିବା ବଂଶଧାରା ନଦୀ କୂଳରେ ଅବସ୍ଥିତ କଳିଙ୍ଗପାଟଣା, ଶାଳିହୁଦମ ଓ ଦନ୍ତପୁରରୁ ବେଶ୍ ପ୍ରମାଣିତ । ଏହି ବିଶାଳକାୟ ବୌଦ୍ଧ କେନ୍ଦ୍ରଗୁଡ଼ିକ କେବଳ ଓଡ଼ିଶା ଉପକୂଳରେ ଗଢ଼ି ଉଠିଥିବା ସଙ୍ଗେ ସଙ୍ଗେ ପ୍ରଧାନ ବାଣିଜ୍ୟିକ କେନ୍ଦ୍ରରୂପେ ମଧ୍ୟ ଉଭା ହୋଇଥିଲା । ଉପରୋକ୍ତ ସ୍ଥଳଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ଏଇ କିଛି ଦଶନ୍ଧିରେ ହୋଇଛି ଏବଂ ଏଠାରୁ ଭାରତର ସମସ୍ତ ଅଞ୍ଚଳକୁ ଯୋଗାଯୋଗ କରୁଥିବା ପ୍ରମାଣ ମୃଣୟପାତ୍ର, ମୁଦ୍ରା (ରୁପା ଏବଂ ସୁନା) ଶିଳାଲେଖ, ବ୍ୟବହୃତ ସାମଗ୍ରୀ, ଦୁର୍ଲଭ ପ୍ରସ୍ତର ମାଳି, କାଚମାଳି, ମୃଣ୍ମୟ ମୂର୍ତ୍ତି ମୋହର, ସହରର ନକ୍ସା, ପ୍ରାଚୀର ଇତ୍ୟାଦି ଯାହା ସମୃଦ୍ଧ ଅର୍ଥନୀତିକୁ ଇଙ୍ଗିତ କରେ । ପଶ୍ଚିମ ଭାରତ ଉପକୁଳରେ ମଧ୍ୟ ଏହିପରି ବହୁସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ କରାଯାଇ ପଶ୍ଚିମ ଭାରତର ନୌବାଣିଜ୍ୟ କାରବାର ଲୋହିତ ସାଗର ଦେଇ ମଧ୍ୟଏସୀୟ ଦେଶଗୁଡ଼ିକ ସହ ରହିଥିଲା ।







## ● ବାଣିଜ୍ୟ ପଥ

ପୂର୍ବ ଉପକୂଳରେ ପ୍ରାଚୀନ କଳିଙ୍ଗର ସମୃଦ୍ଧ ଅର୍ଥନୀତି ଏବଂ ବନ୍ଦରଗୁଡ଼ିକ ଯଥା ତାମ୍ରଲିପ୍ତି, ପାଲୁର, କଳିଙ୍ଗପାଟଣା(ଆନ୍ଧ୍ର ପ୍ରଦେଶ)ଠାରେ ପ୍ରତ୍ନତାତ୍ତ୍ୱିକ ଗବେଷଣା କରାଯାଇ ରୋମରୁ ଆସିଥିବା ମୃଣ୍ମୟ ପାତ୍ର ବାଣିଜ୍ୟଭିତ୍ତିକ ପାତ୍ର, ରାଓଲେଟେଡ୍ ପାତ୍ର, ଏବଂ ଦକ୍ଷିଣପୂର୍ବ ଏସୀୟ ବାଣିଜ୍ୟିକ ଭିତ୍ତିକ ବ୍ୟବହୃତ ନବଡ଼ ପାତ୍ର, ଉନ୍ନତମାନର ସାମଗ୍ରୀ, ଦୁର୍ଲ୍ଲଭ ପ୍ରସ୍ତର ମାଳି ଆଦି ମିଳିସାରିଅଛି । ବର୍ତ୍ତମାନ ଚାଲୁ ରହିଥିବା ପାଲୁର ଉତ୍‌ଖନନରୁ ମଧ୍ୟ ସେହିପରି ମାଟିପାତ୍ର ରୋମରୁ ଆସିଥିବା ଉନ୍ନତ ଧରଣର ପାତ୍ର, ରାଓଲେଟେଡ ପାତ୍ର, ନବଡ଼ ପାତ୍ର ଏବଂ ସମସ୍ତ ବିଦେଶ ସାମଗ୍ରୀ ଉପଲବ୍ଧି ହୋଇଛି । ପାଲୁର ଉତଖ୍‌ନନରୁ ସଦ୍ୟପ୍ରାପ୍ତ ବହୁ ଗ୍ରାଫିଟି ଚିହ୍ନ ଥିବା ମାଟିପାତ୍ରର ଅଂଶବିଶେଷ ପ୍ରାପ୍ତ ହୋଇଅଛି ଯାହା ତାମିଲନାଡୁ ବ୍ୟତୀତ ଅନ୍ୟ ଅଞ୍ଚଳରେ କ୍ୱଚିତ୍ ମିଳିଥାଏ। ଏହି ଗ୍ରାଫିଟି ଚିହ୍ନ ଓଡ଼ିଶାର ଇତିହାସକୁ ପ୍ରଥମ ଖ୍ରୀଷ୍ଟାବ୍ଦରେ ଉଲ୍ଲେଖ କରିଛନ୍ତି । ପାଲୁର ବନ୍ଦର ପୂର୍ବ ଉପକୂଳର ଏକ ପ୍ରଧାନ ପ୍ରାଚୀନ ବନ୍ଦର ଯାହା ଖ୍ରୀଷ୍ଟପୂର୍ବ ସପ୍ତମ-ଷଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇ ଖ୍ରୀଷ୍ଟାବ୍ଦ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା । ଏହାର ପ୍ରମାଣ ସ୍ୱରୂପ ପାଲୁର ନିକଟବର୍ତ୍ତୀ ଚିଲିକା ଅଞ୍ଚଳର ଅନ୍ୟ ପ୍ରତ୍ନତାତ୍ତ୍ୱିକ ସ୍ଥଳୀ ମଣିକପାଟଣା ଏବଂ ଗୌରାଙ୍ଗପାଟଣାଠାରୁ ମଧ୍ୟ ମିଳିସାରିଅଛି । ମଣିକପାଟଣାର ପ୍ରତ୍ନତାତ୍ତ୍ୱିକ ଉପାଦାନ ବିରଳ ଖୋରଷ୍ଠୀ ଲିପିଥିବା ପାତ୍ର, ଶ୍ରୀଲଙ୍କାର ମୁଦ୍ରା, ମୃଣୟ ପାତ୍ର ବ୍ୟବହାର କରାଯାଇଥିବା ଅଳଙ୍କାର ଏବଂ କଉଡ଼ି ଆଦି ପ୍ରାମାଣିକ ତଥ୍ୟର ସୂଚନା ମିଳିଅଛି । ଚିଲିକା ହ୍ରଦ ଏକ ପ୍ରାକୃତିକ ବନ୍ଦର ରୂପେ ଐତିହାସିକ ସମୟରେ ଗଢ଼ି ଉଠିଥିଲା, ଯାହାର ସାଂସ୍କୃତିକ ଇତିହାସ ବେଶ୍ ଗାରିମାମୟ। ଏହି ଅଞ୍ଚଳର ଆହୁରି ବହୁ ସ୍ଥାନ ରହିଛି, ଯେଉଁଠାରେ ପ୍ରତ୍ନତାତ୍ତ୍ୱିକ ଗବେଷଣା ଜାରି ରଖାଯିବା ପାଇଁ ପ୍ରୟାସ କରାଯାଉଛି । ଚିଲିକା ଅଞ୍ଚଳରେ ଓଡ଼ିଶାର ଇତିହାସ ଖ୍ରୀଷ୍ଟପୂର୍ବ ୨୧୦୦ ମସିହାଠାରୁ ଆରମ୍ଭ କରି







ଏକ ନୂତନ ଦିଗ୍‌ଦର୍ଶନ ଦେବ ଯାହା ବର୍ତ୍ତମାନ ଆମର ଗବେଷଣାଧୀନ ରହିଛି । ବହୁ ଐତିହାସିକ ମତ ଦେଇଛନ୍ତି ଯେ, "ପୂର୍ବ ଭାରତର ଉପକୂଳରେ ଥିବା କଳିଙ୍ଗ କୌଣସି ପ୍ରକାରେ ଉତ୍ତର-ପଶ୍ଚିମ ଦିଗର ପ୍ରତିପକ୍ଷ ଥିଲା, କାରଣ ଭାରତର ପୂର୍ବ ଉପକୂଳ ଦେଇ ଦକ୍ଷିଣଦିଗକୁ ଯାଉଥିବା ସାମୁଦ୍ରିକ ବାଣିଜ୍ୟ ଏହି ଅଞ୍ଚଳ ଦେଇ ଯିବାକୁ ହେଉଥିଲା" । ସେହିପରି ବର୍ମାର ଶାସ୍ତ୍ର ବୌଦ୍ଧ ଗାଥାରୁ ଜଣାପଡ଼େ, ବର୍ମା ସହ କଳିଙ୍ଗର ବୌଦ୍ଧ ବ୍ୟବସାୟୀମାନେ ଏକ ସ୍ଥିର ବାଣିଜ୍ୟିକ ସମ୍ପର୍କ ସ୍ଥାପନା କରିଥିଲେ । ଅର୍ଥନୈତିକ କାରଣ ଏବଂ ବିଦେଶ ବାଣିଜ୍ୟରୁ ଲାଭ କଳିଙ୍ଗବାସୀଙ୍କର ପ୍ରାଥମିକ ସଂସ୍କୃତି ବିସ୍ତାରର ମୁଖ୍ୟ କାରଣ ଥିଲା । ଓଡ଼ିଶାର ପ୍ରାଚୀନ ବନ୍ଦର ପାଲୁର ବିଷୟରେ ଗ୍ରୀକ୍ ଭୌଗୋଳିକବିତ୍ ଟଲେମୀ ଖ୍ରୀଷ୍ଟାବ୍ଦ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ପ୍ରାମାଣିକ ତଥ୍ୟ ରହିଅଛି । ଏହାର ସାଂସ୍କୃତିକ ନୌବାଣିଜ୍ୟ ଐତିହ୍ୟ ସମଗ୍ର ଭାରତରେ ବିରଳ, ଚିଲିକା ଅଞ୍ଚଳର ବହୁ ସ୍ଥାନ ପଞ୍ଜୀକରଣ କରାଯାଇଅଛି । ଯେମିତି ଗୁରୁବାଇ, ମଣିକପାଟଣା, ମହିଷା, କୃଷ୍ଣପ୍ରସାଦଗଡ଼, ଜହ୍ନିକୁଦା, କଙ୍କେଇକୁଦ, ବଟେଶ୍ୱର, ସାତଖଣ୍ଡି, ପୁଇତୋଳା, ଛତ୍ରଗଡ଼, କଉଡ଼ି ଖଣି, ତେଲେଙ୍ଗା ପେଣ୍ଠ ଇତ୍ୟାଦି ବିଶେଷକରି ପୂର୍ବ ଉପକୂଳରେ ଗଢ଼ି ଉଠିଥିବା ଗଞ୍ଜାମର ଋଷିକୁଲ୍ୟାଠାରୁ ଆରମ୍ଭକରି କ୍ରିଷ୍ଣା-ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିଶାଳ ଅଞ୍ଚଳରେ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ତୃତୀୟ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ପ୍ରାଚୀନ ସହରର ଧ୍ୱଂସାବଶେଷର ମଧ୍ୟ ପଞ୍ଜୀକରଣ କରାଯାଇଅଛି ।



## ● ପ୍ରାଚୀନ ବୌଦ୍ଧ କ୍ଷେତ୍ର ନିଦର୍ଶନ

ଏହି ସମୟରେ ଓଡ଼ିଶା ତଥା ପୂର୍ବ-ଉପକୂଳ ଅଞ୍ଚଳରେ ଗଢ଼ି ଉଠିଥିବା ବୌଦ୍ଧ କ୍ଷେତ୍ରମାନ ଯଥା ଚନ୍ଦ୍ରକେତୁଗଡ଼, ତାମ୍ରଲିପ୍ତି, ମୋଗଲମାରି (ପଶ୍ଚିମବଙ୍ଗ), ରାଧାନଗର, କୟମା, ଲାଙ୍ଗୁଡ଼ି, ଲଳିତଗିରି, ଉଦୟଗିରି, ଧଉଳି, ଅରାଗଡ଼, ଜଉଗଡ଼ (ଓଡ଼ିଶା) ସାଲିହୁନ୍ଦମ, କୋଟରୁ, ସଙ୍କରମ, ଥତଲ କୋଣ୍ଡା, ଗୁଣ୍ଟୁପାଲି ଏବଂ ଅମରାବତୀ (ଆନ୍ଧ୍ର ପ୍ରଦେଶ) ଏହି ସମସ୍ତ ସ୍ଥଳଗୁଡ଼ିକ ସାଂସ୍କୃତିକ ବିନିମୟର କେନ୍ଦ୍ର ରହିଗଲା ଏବଂ ପ୍ରାୟ ୭୦୦-୮୦୦ ବର୍ଷ ପର୍ଯ୍ୟନ୍ତ ଓତପ୍ରୋତ ଭାବେ ଥେରବାଦ ଓ ମହାଯାନ ବୌଦ୍ଧ ସଂସ୍କୃତିର ବିକାଶ ଲାଭ କରିଥିଲା। ଯାହା ଫଳରେ ଆମେ ବର୍ତ୍ତମାନ ଦେଖୁଛୁ ଏହି ସ୍ଥଳଗୁଡ଼ିକରେ ସ୍ତୂପ, ବିହାର, ଚୈତ୍ୟ ଏବଂ ଅସଂଖ୍ୟ ବୌଦ୍ଧ ଦେବଦେବୀ ମୂର୍ତ୍ତିଗୁଡ଼ିକର ବିକାଶ ଘଟିଥିଲା। ଓଡ଼ିଶାର ଲାଙ୍ଗୁଡ଼ିଠାରେ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀ ବେଳକୁ ବିଶାଳ ବୌଦ୍ଧସ୍ଥଳୀ ଗଢ଼ି ଉଠି ଏଠାରେ ବୁଦ୍ଧଙ୍କ ପ୍ରତିମା ଅଭିର୍ଭାବ ହୋଇଥିଲା। ଯାହା ଭାରତରେ ଯେକୌଣସି ପାଷାଣ ପ୍ରତିମାର ପ୍ରାଚୀନତା ପ୍ରମାଣ କରେ। ରାଧାନଗର, ଲାଙ୍ଗୁଡ଼ି, ଲଳିତଗିରି ଆଦି ବୌଦ୍ଧସ୍ଥଳଗୁଡ଼ିକ ନିକଟବର୍ତ୍ତୀ ଚିତ୍ରୋପ୍ଳା ମହାନଦୀ ଅବବାହିକାରେ ଗଢ଼ି ଉଠିଥିବା ଚେଳିତୋଳ ବନ୍ଦରର ଅନ୍ତର୍ଦେଶୀୟ ସମ୍ପର୍କ ଦ୍ୱାରା ହୋଇଥବା ପ୍ରମାଣ ମିଳୁଅଛି। ଯେମିତି ପାଲୁର ବନ୍ଦର ସହ ନିକଟବବର୍ତ୍ତୀ ଜଉଗଡ଼ ବା ସମପା ସହର ଗଢ଼ି ଉଠିଥଲା ବା କଳିଙ୍ଗ ପାଟଣା ବନ୍ଦର ଦ୍ୱାରା ସାଲିହୁନ୍ଦମ ବୌଦ୍ଧକ୍ଷେତ୍ର ଓ ଦନ୍ତପୁର ସହର ବେଶ୍ ଲାଭବାନ ହୋଇଥଲା। ଏହାର ଐତିହାସିକ ପ୍ରମାଣ ବର୍ତ୍ତମାନ ହସ୍ତଗତ ହୋଇଛି।



## ● ଅନ୍ତର୍ଦେଶୀୟ ସଂପର୍କ

ସେହିପରି ଖ୍ରୀଷ୍ଟାବ୍ଦ ଦ୍ୱିତୀୟ-ତୃତୀୟ ଶତାବ୍ଦୀ ବେଳକୁ ଚୀନ୍ ଦେଶରେ ବୌଦ୍ଧ ଧର୍ମ ପ୍ରବେଶ କରିଥିଲା। ଷଷ୍ଠ-ସପ୍ତମ ଶତାବ୍ଦୀ ବେଳକୁ ଚୀନ ପରିବ୍ରାଜକ ହୁଏନସାଂ ମଧ କଳିଙ୍ଗ, ଉତ୍କଳ, ଉଡ୍ର ଆଦି ଅଞ୍ଚଳ ଭ୍ରମଣ କରି ତାଙ୍କ ବୃତ୍ତାନ୍ତ ଲେଖି ଯାଇଛନ୍ତି। ବିଶେଷ ଓଡ଼ିଶାର ବହୁ ବୌଦ୍ଧ ପଣ୍ଡିତ ସମୁଦ୍ର ମାର୍ଗରେ ଚୀନ ଯାତ୍ରା କରିଥଲେ। ସେଥିମଧ୍ୟରୁ ଶୁଭକରସିଂହ ଏବଂ ବଜ୍ରୋବଧି ଅନ୍ୟତମ।

ଶ୍ରୀଲଙ୍କା ସହ ପ୍ରାଚୀନ କାଳରୁ କଳିଙ୍ଗର ସମ୍ପର୍କ ରହିଆସିଛି। କଳିଙ୍ଗରୁ ବୌଦ୍ଧ ଅସ୍ଥି ଶ୍ରୀଲଙ୍କା ସମୁଦ୍ର ମାର୍ଗରେ ହିଁ ନିଆଯାଉଥଲା। ଏହି ଯାତ୍ରା ବିଷୟରେ ବୌଦ୍ଧ ପାଲିଗ୍ରନ୍ଥରେ ବିସ୍ତୃତ ବର୍ଣ୍ଣନା ରହିଛି।





ଷଷ୍ଠ-ସପ୍ତମ ଶତାବ୍ଦୀ ବେଳକୁ ଚିଲିକା ଅଞ୍ଚଳରେ ଶୈଳୋଦଭବମାନଙ୍କ ବନ୍ଦର ସହ ଗଢ଼ିଉଠିଥିବା 'କଙ୍ଗୋଦ' ସାମ୍ରାଜ୍ୟ ପରବର୍ତ୍ତୀ କାଳରେ ଶଶାଙ୍କ, ପୁଲକେସୀ ତଥା ହର୍ଷବର୍ଦ୍ଧନ ଆକ୍ରମଣର ଶିକାର ହୋଇଥିଲା, କେତେକ ଐତିହାସିକ ମତରେ ଏହି ଯୁଦ୍ଧ ଫଳରେ ଶୈଳୋଦଭବମାନେ ଚିଲିକା ବାଟଦେଇ ସମୁଦ୍ରରେ ଜାଭା ଚାଲିଯାଇଥଲେ। ପରବର୍ତ୍ତୀ ସମୟରେ ଅଷ୍ଟମ ଶତାବ୍ଦୀ ଭୌମକର ବଂଶୀୟ ରାଜାମାନଙ୍କ ଦ୍ୱାରା ବର୍ତ୍ତମାନର ବାଣପୁର ଅଞ୍ଚଳ ଅକ୍ତିଆର କରାଯାଇଥଲା। ସପ୍ତମ-ଅଷ୍ଟମ ଶତାବ୍ଦୀ ବେଳକୁ ଓଡ଼ିଶାର ବୃହତ୍ ମନ୍ଦିରଗୁଡ଼ିକ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥଲା। ସୋମବଂଶୀମାନଙ୍କ ଦ୍ୱାରା ଶୈବଧର୍ମର ଉତ୍ଥାନ ଏବଂ ପୃଷ୍ଠପୋଷକତା ଦ୍ୱାରା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଅନ୍ୟାନ୍ୟ ବହୁ ମନ୍ଦିର ଗଢ଼ାଯାଇଥିଲା। ସେମାନେ ମଧ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖଥିଲେ। ଯାହାର ପ୍ରମାଣ ବର୍ତ୍ତମାନ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦ୍ୱାରା ବାରବାଟୀ ପ୍ରତ୍ନତାତ୍ତ୍ୱିକ ଉତ୍ଖନନରୁ କଟକ ସହର ଏକ ବାଣିଜ୍ୟଭିତ୍ତିକ ସହର ଥିବା ଜଣାପଡ଼ିଛି।

ସେହିପରି ସାମୁଦ୍ରିକ ପୋତର ଚିତ୍ରଗୁଡ଼ିକ ଭୁବନେଶ୍ୱର ବ୍ରହ୍ମେଶ୍ୱର ମନ୍ଦିର, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କ ମନ୍ଦିରରେ ରେଖାଙ୍କିତ ହୋଇଛି। ଏହି ପୋତମାନଙ୍କ ଚିତ୍ର ସେତେବେଳର ନୌବାଣିଜ୍ୟ ପରମ୍ପରା ଓ ସାମାଜିକ ଏବଂ ଅର୍ଥନୈତିକ ଜୀବନ କାହାଣୀରେ ସମୃଦ୍ଧ। ସେହିପରି କୋଣାର୍କର ସୂର୍ଯ୍ୟ ମନ୍ଦିରର ଉପରପାର୍ଶ୍ୱ (ମସ୍ତକ)ରେ ଡଙ୍ଗ ଉପରେ ନୃତ୍ୟରତ ଭୈରବ ମଧ ନୌବାଣିଜ୍ୟର ଆଧ୍ୟାତ୍ମିକ ଦିଗ ଉପରେ ରେଖାପାତ କରେ। କୋଣାର୍କ ମନ୍ଦିରରେ ରେଖାଙ୍କିତ ଜିରାଫ ବଣିକମାନଙ୍କର ଦ୍ୱାରା ରାଜାଙ୍କୁ ଉପହାର ସ୍ୱରୂପ ପ୍ରଦାନ ନୌବାଣିଜ୍ୟର ଏକ ପ୍ରତିପାଦନ।

କୋଣାର୍କ ନିକଟବର୍ତ୍ତୀ ଖଲକତାପାଟଣା ସ୍ଥାନରେ ଭୂଖୋଦନ କରାଯାଇ ୧୨୦୦-୧୩୦୦ ଖ୍ରୀଷ୍ଟାବ୍ଦ ବେଳକୁ ଏକ ବନ୍ଦର ଯାହା ଚୀନ୍ ସହ ଯୋଡ଼ି ହୋଇ ରହିଥଲା। ଏଠାରୁ ପ୍ରାପ୍ତ ଚୀନ୍‌ର ବିଭିନ୍ନ ପାତ୍ର ଯଥା ସିଲାଡନ, ପୋରସିଲିନ ଆଦି ପାତ୍ରର ଭିନ୍ନ ଅଂଶ ବିଶେଷ ବହୁଳ ଭାବରେ ମିଳିଛି। ଚତୁର୍ଦ୍ଦଶ ଶତାବ୍ଦୀର ଚୀନର ଲେଖକ ୱାଙ୍ଗ-ନା-ୟୁ-ଆନ୍ ଲେଖିଛନ୍ତି ଯେ, ଚାଉଳ ହେଉଛି ଓଡ଼ିଆ ଲୋକଙ୍କୁ ମୁଖ୍ୟ ଖାଦ୍ୟ। ଯାହାକି ସେ ସମୟ ମଧ୍ୟରେ ୪୬ ଟୋକେଇର ଅବିଶ୍ୱାସନୀୟ ମୂଲ୍ୟରେ ବିକ୍ରି ହେଉଥଲା। ସେ ଆହୁରି ଲେଖିଛନ୍ତି ଯେ, ବାଣିଜ୍ୟ କାରବାର ପାଇଁ ଚାଇନା ଯାଇଥିବା ପ୍ରତି ୧୦ଜଣଙ୍କ ମଧ୍ୟରୁ ୯ଜଣ ସେଠାରେ ରହିଯାଇଥାନ୍ତି। ଚାଉଳ ବ୍ୟତୀତ ବାର୍ଲି ଏବଂ ଆଖୁ ଚାଷ ମଧ ଓଡ଼ିଶାରେ ପ୍ରଚୁର ଭାବେ କରାଯାଉ ଥିଲା ଏବଂ ଏହାସହ କପା ଚାଷ କରାଯାଇ ବସ୍ତ୍ର ପ୍ରସ୍ତୁତ କରି ବାଣିଜ୍ୟ କାରବାରରେ କରାଯାଉ ଥିଲା। ଯାହା ଜାଭା, ସୁମାତ୍ରା ଆଦି ଅଞ୍ଚଳରେ ମଧ ବିକ୍ରି ହେଉଥିଲା। କିଛି ଗବେଷକ ମଧ ପ୍ରମାଣ କରିଛନ୍ତି ଯେ, ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରାୟ ୯୨ଟି ସ୍ଥାନର ନାମ ସାମଞ୍ଜସ୍ୟ ଇଣ୍ଡୋନେସିଆର ଜାଭା, ସୁମାତ୍ରା ଓ ବାଲିରେ ରହିଛି। ଏହି ନାମଗୁଡ଼ିକ ସୂଚାଇ ଦିଏ ଯେ, ଯେଉଁ ଲୋକମାନେ ବିଶେଷତଃ ୧୪୦୦-୧୫୦୦ ଶତାବ୍ଦୀ ବେଳକୁ ଇଣ୍ଡୋନେସିଆର ବିଭିନ୍ନ ପ୍ରାନ୍ତକୁ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ, ସେଠାରେ ତାଙ୍କ ନିଜ ଅଞ୍ଚଳ ନାମରେ ବସତି ସ୍ଥାପନ କରିଥାଇପାରନ୍ତି। ଏବେ ମଧ ଜାଭା ଅଞ୍ଚଳରେ କଳିଙ୍ଗ ବୌଦ୍ଧ ନାମକ ଏକ ପାହାଡ଼ ବସତି ରହିଛି। ସେହିପରି ଫିଲିପାଇନ୍ସରେ ମଧ କଳିଙ୍ଗ ନାମରେ ଏକ ଅଞ୍ଚଳ ରହିଅଛି ଏବଂ ଏଠାକାର ମାଟିର ନାମ ମଧ କଳିଙ୍ଗ କ୍ଲେ ରହିଛି। ଜାଭାର ବୋରୋବୋଦୁର ବୌଦ୍ଧ ମନ୍ଦିରରେ ମଧ କଳିଙ୍ଗର ନୌବାଣିଜ୍ୟର ଛବି ରହିଛି ଏବଂ କେତେକ ଗବେଷକ ମତ ଦେଇଥାନ୍ତି, ଉଦୟଗିରି ଏବଂ ରତ୍ନଗିରିର ବୌଦ୍ଧ କଳା ବୋରୋବୋଦୁରର ବୌଦ୍ଧ ଇମାରତରେ ଦେଖିବାକୁ ମିଳେ। ରତ୍ନଗିରିରୁ ପ୍ରାପ୍ତ ପ୍ରଚୁର ପରିମାଣର ଧରଣୀ ମନ୍ତ୍ରର ବ୍ୟାପକତା ଜାଭା ତଥା ଚୀନ୍ ଅଞ୍ଚଳରେ ପ୍ରଭାବିତ ଥିବା କିଛି ଗବେଷକ ପ୍ରମାଣିତ କରିସାରିଛନ୍ତି। ଏଠାରୁ ପ୍ରାପ୍ତ ଦୁଇଟି ତାର ମୂର୍ତ୍ତିରେ ଆଠଟି ବିପଦରୁ ରକ୍ଷା କରିବା ଚିତ୍ର ଖୋଦନ କରାଯାଇଅଛି ଯାହାକୁ ଅଷ୍ଟମହାଭୟତାରା କୁହାଯାଏ ଏବଂ ଏହି ମୂର୍ତ୍ତି ଜଳ ଭୟରୁ ମଧ ରକ୍ଷା କରିଥାଏ। ତାରା ମୂର୍ତ୍ତିର ଉପାଖ୍ୟାନ ବିଶେଷ କରି ଜାଭା ଅଞ୍ଚଳରେ ରହିଅଛି।

## ● ଉପସଂହାର

ସମ୍ପ୍ରତି ବଙ୍ଗୋପସାଗର ଓଡ଼ିଶା ପାଇଁ ବରଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ମଧ୍ୟଯୁଗୀୟ ବଙ୍ଗ, ଓଡ଼ିଶା ଏବଂ ମାଳଦ୍ୱୀପ କଉଡ଼ି କାରବାରର ପ୍ରଣାଳୀ ପ୍ରଚଳିତ ଥିଲା। ଖ୍ରୀଷ୍ଟାବ୍ଦ ୧୨୪୦ ମସିହାର ଏକ ଡକ୍ୟୁମେଣ୍ଟରୁ ଜଣାଯାଏ ଯେ, ମାଳଦ୍ୱୀପ, ବଙ୍ଗଳା ଓ ଓଡ଼ିଶା ମଧ୍ୟରେ ଆର୍ଥିକ କାରବାର ପାଇଁ କଉଡ଼ିକୁ ବହୁଳ ଭାବରେ ବ୍ୟବହାର କରାଯାଉ ଥିଲା। ପ୍ରାୟ ଦୁଇ ଶତାବ୍ଦୀ ଧରି ଓଡ଼ିଶାର ବାଲେଶ୍ୱର ଓ ମାଳଦ୍ୱୀପ ସହିତ ମୁଖ୍ୟ ବାଣିଜ୍ୟ ପେଣ୍ଠ ସ୍ଥଳ ରହିଥିଲା। ଚାଉଳ, କପଡ଼ା, ଇତ୍ୟାଦିର ବାଣିଜ୍ୟ ପାଇଁ କଉଡ଼ି ବ୍ୟବହାର କରାଯାଉଥିଲା।

୧୭୦୦ ଖ୍ରୀଷ୍ଟାବ୍ଦ ବେଳକୁ ଡଚ୍ ଏବଂ ଫରାସୀମାନେ ବାଲେଶ୍ୱରକୁ ଏକ ପ୍ରଧାନ ବନ୍ଦର ରୂପେ ବ୍ୟବହାର କରୁଥିଲେ, ବାଲେଶ୍ୱରରେ ଏକ ବନ୍ଦର ଜାହାଜ ନିର୍ମାଣ କେନ୍ଦ୍ର ରହିଥିଲା । ପରବର୍ତ୍ତୀ ସମୟରେ ଇଂରେଜମାନେ ମଧ ବାଲେଶ୍ୱରର ପିପିଲି ବନ୍ଦରକୁ ବ୍ୟବହାର କରୁଥିଲେ। ସେହି ସମୟରେ ଗଞ୍ଜାମ ଜିଲ୍ଲାର ପୋତାଗଡ଼ ଏବଂ ଗୋପାଳପୁର ମଧ ବନ୍ଦର କାର୍ଯ୍ୟକ୍ଷମ ହୋଇଥିଲା। ୧୭୩୦ ମସିହା ବେଳକୁ ପରାସୀ ଏବଂ ଇଂରେଜମାନେ କରମଣ୍ଡଳ କୋଷ୍ଟା (ପୂର୍ବ ଉପକୂଳ)ରେ ଗଢ଼ି ଉଠିଥିବା ଟେକ୍ସଟାଇଲ୍ (ବସ୍ତ୍ର ) କେନ୍ଦ୍ରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଓଡ଼ିଶାର ବସ୍ତ୍ର ବହୁଳ ଭାବରେ ୟୁରୋପର ବିଭିନ୍ନ ବଜାରରେ ଉପଲବ୍ଧ ହେଉଥିଲା। ଯାହାର ଭରପୂର ପ୍ରମାଣ ଆର୍କାଇଭାଲ୍ ରେକର୍ଡରେ ରହିଛି।

ଓଡ଼ିଶାର ନୌବାଣିଜ୍ୟର ଐତିହାସିକ ଚିତ୍ରଣ ଏକ ବହୁଳ ବ୍ୟାପାର। ଏହାର ଖଣ୍ଡବିଖଣ୍ଡିତ ଐତିହାସିକ ଉପାଦନ ଗୁଡ଼ିକୁ ଏକାଠି କରି ଧାରାବାହିକ ଇତିହାସ ଲେଖିବାକୁ ବହୁ ପ୍ରୟାସ କରିବାକୁ ଏକ ମଲ୍‌ଟିଡିସ୍‌ପଲିନାରୀ କାର୍ଯ୍ୟ ନୌବାଣିଜ୍ୟର ଦିଗନିର୍ଣ୍ଣୟ, ପୋତ ପ୍ରକାର ଭେଦ, ପୋତର ନିର୍ମାଣ ଶୈଳୀ ଆଦି ସମସ୍ତ ଉପାଦାନ ବିଛୁରିତ ହୋଇ ରହିଛି। ସେହିପରି ବହୁ କିମ୍ବଦନ୍ତୀ ନୌବାଣିଜ୍ୟକୁ ନେଇ ପ୍ରଚଳିତ ରହିଛି। ସମସ୍ତ ତଥ୍ୟ ଏଠାରେ ଉପସ୍ଥାପନ କରିବା ସମ୍ଭବ ନୁହେଁ। କିନ୍ତୁ ଏତିକି କୁହାଯାଇ ପାରେ, ପ୍ରାଚୀନ ଓଡ଼ିଶା ବିଶେଷକରି ଖ୍ରୀଷ୍ଟପୂର୍ବ ଦୁଇ ହଜାର ସମୟଠାରୁ ଆରମ୍ଭ କରି ମୌର୍ଯ୍ୟ ଯୁଗ ଖ୍ରୀଷ୍ଟପୂର୍ବ ୩୦୦ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ନୌବାଣିଜ୍ୟ ଏବଂ ସହରୀକରଣ ପ୍ରମାଣ ବର୍ତ୍ତମାନ ଉପଲବ୍ଧ। ସେହିପରି ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୬୦୦ ପର୍ଯ୍ୟନ୍ତ ନୌବାଣିଜ୍ୟ ପ୍ରମାଣ ବିଛାଡ଼ି ହୋଇ ରହିଥିଲେ ମଧ ବର୍ତ୍ତମାନ ପ୍ରତ୍ନତାତ୍ତ୍ୱିକ ପ୍ରମାଣରୁ କିଛି ମାତ୍ରାରେ ଉପଲବ୍ଧ। ପରବର୍ତ୍ତୀ ସମୟର ଚିତ୍ରଣ ଆଗରୁ ବହୁ ଗବେଷକ କାର୍ଯ୍ୟ କରିଛନ୍ତି। ସମ୍ପ୍ରତି ଓଡ଼ିଶାର ଅତୀତ ପ୍ରଜ୍ଞା ଦର୍ପଣ ସଦୃଶ୍ୟ ଏବଂ ଆମ ପାଖରେ ଏହାର ଯଥେଷ୍ଟ ପ୍ରମାଣ ଉପଲବ୍ଧ। ଏହାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ■

ପ୍ରତ୍ନତତ୍ତ୍ୱବିତ୍
ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

# କଳିଙ୍ଗ ଓ ସିଂହଳ ମଧ୍ୟରେ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା




**ଉତ୍କଳ, କଳିଙ୍ଗ, କଂଗୋଦ, ଉଡ୍ର, କୋଶଳ ପ୍ରଭୃତି ନାମରେ ଆମର ପ୍ରିୟ ଜନ୍ମଭୂମି ଓଡ଼ିଶା ପରିଚିତ ଥିଲା । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଜାତିର ଗୌରବମୟ ଇତିହାସର ଏକ ମହାର୍ଘ୍ୟ ଅଧ୍ୟାୟ । ପ୍ରାଚୀନ ଓଡ଼ିଶାର ଧର୍ମ ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, ସମାଜ, ରାଜନୀତି ଓ ଅର୍ଥନୀତି ନୌବାଣିଜ୍ୟ ପରମ୍ପରା ସହିତ ଓତପ୍ରୋତ ଭାବରେ ସଂଶ୍ଳିଷ୍ଟ । ଜାଭା, ବାଲି, ସୁମାତ୍ରା, ସିଂହଳ ପ୍ରଭୃତି ଦେଶଗୁଡ଼ିକ ସହିତ ତତ୍କାଳୀନ ସମୟରେ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ସମ୍ପର୍କ ଗଢ଼ି ଉଠିଥିଲା । ସାଧବମାନେ ନୌବାଣିଜ୍ୟ ପରମ୍ପରା ସହିତ ସମ୍ପୂର୍ଣ୍ଣ ଭାବରେ ସମର୍ପିତ ଥିଲେ ।**

ପ୍ରାଚୀନ ଓଡ଼ିଶାର ଧର୍ମଗ୍ରନ୍ଥ, ଗଳ୍ପ, ଉପନ୍ୟାସ, ନାଟକ ପ୍ରଭୃତିରେ ସାଧବ ପରିବାର ମୁଖ୍ୟ ଚରିତ୍ରରେ ଅବତୀର୍ଣ୍ଣ ହେଉଥିଲେ । ପ୍ରାଚନ ଓଡ଼ିଶାର ଅର୍ଥନୀତିରେ ସାଧବମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ସେମାନଙ୍କୁ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଯଥେଷ୍ଟ ମହତ୍ତ୍ୱ ମିଳୁଥିଲା ।


ଅଧ୍ୟାପକ ପବିତ୍ର ମୋହନ ବାରିକ


ଗୋପୀନାଥ ଦାସଙ୍କ “ଖୁଦୁରୁକୁଣୀ ଓଷା”, ଭୀମା ଧୀବରଙ୍କ “ଖୁଲଣା ସୁନ୍ଦରୀ” ଓ ଅନ୍ୟାନ୍ୟ ଧାର୍ମିକ, ଓଷା, ବ୍ରତ ପୁସ୍ତକରେ ସାଧବ ଘରର କାହାଣୀ ଓ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ । ପ୍ରାଚୀନ ସିଂହଳ ସହିତ ଓଡ଼ିଶାର ନୌବାଣିଜ୍ୟ ଇତିହାସ ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ରୋମାଞ୍ଚକର । ଭାରତର ଦକ୍ଷିଣ-ପୂର୍ବ ଦିଗରେ ତଥା ବଙ୍ଗୋପସାଗର ଓ ଭାରତ ମହାସାଗର ମଝିରେ ସିଂହଳ ଦ୍ୱୀପ ଅବସ୍ଥିତ । ଏହା ଏସୀୟ ନୌବାଣିଜ୍ୟ ପରମ୍ପରାରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ବିଶେଷକରି ଭାରତ, ଦକ୍ଷିଣ-ପୂର୍ବ ଏସିଆ ଓ ପଶ୍ଚିମରେ ଆରବ ଦେଶମାନଙ୍କ ସହିତ ସିଂହଳର ନୌବାଣିଜ୍ୟ ସଂପର୍କ ଅତି ପ୍ରାଚୀନ । କିଛି କୃଷିଜାତ ଦ୍ରବ୍ୟ, ସାମୁଦ୍ରିକ ସାମଗ୍ରୀ ଓ ଜଙ୍ଗଲ ଜାତ ଦ୍ରବ୍ୟର ଚାହିଦା ବିଶ୍ୱଦରବାରରେ ଏତେ ଆଦର ଲାଭ କରିଥିଲା ଯେ, ସେସବୁର ବ୍ୟବସାୟ କରିବା ପାଇଁ ସିଂହଳ ଏସିଆର ଏକ ବାଣିଜ୍ୟ ସ୍ଥଳୀରେ ପରିଣତ ହୋଇଥିଲା । ଭାରତ ସହିତ ସିଂହଳର ସଂପର୍କ ଧର୍ମଗତ, ଭାବଗତ, ସାମାଜିକ, ରାଜନୈତିକ ଓ ବାଣିଜ୍ୟିକ ବ୍ୟବସ୍ଥାକୁ ଆଧାର କରି ପ୍ରାଚୀନ ସମୟରୁ ପ୍ରଚଳିତ ହୋଇ ଆସିଅଛି ।



## କଳିଙ୍ଗ ଓ ସିଂହଳ ମଧ୍ୟରେ ସଂପର୍କ

ମହାକାବ୍ୟ ରାମାୟଣର କଥାବସ୍ତୁ ଅନୁଯାୟୀ ଉଭୟ ସିଂହଳ ଓ ଭାରତ ମଧ୍ୟରେ ନିବିଡ଼ ସମ୍ପର୍କ ଥିବାର ଜଣାଯାଏ। ସିଂହଳର ପ୍ରାଚୀନ ସାହିତ୍ୟରୁ ଜଣାଯାଏ ଭାରତର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଦକ୍ଷିଣ – ପୂର୍ବ ଓ ପୂର୍ବଅଞ୍ଚଳ ସହିତ ସଂପର୍କ ଅତି ଘନିଷ୍ଠ ଥିଲା। ପାଲି ଭାଷାରେ ରଚନା କରାଯାଇଥିବା ସିଂହଳର ବୌଦ୍ଧଗ୍ରନ୍ଥ “ଦାଠ ଧାତୁ ବଂଶ” “ମହାବଂଶ”, “ଦ୍ୱୀପବଂଶ”ର ସୂଚନା ଅନୁଯାୟୀ କଳିଙ୍ଗ ସହିତ ସିଂହଳର ରାଜନୈତିକ, କୂଟନୈତିକ, ସାମାଜିକ, ଧାର୍ମିକ, ବାଣିଜ୍ୟିକ ସମ୍ପର୍କ ଥିଲା ଅତି ପ୍ରାଚୀନ । ସିଂହଳରେ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ଦିଗରେ କଳିଙ୍ଗର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉତ୍ତରରୁ ତାମ୍ରଲିପ୍ତି ବନ୍ଦରଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ତତ୍କାଳୀନ କଳିଙ୍ଗ ବ୍ୟାପ୍ତ ଥିଲା। “ଦୀପବଂଶ” ଓ “ମହାବଂଶ” ଅନୁଯାୟୀ କଳିଙ୍ଗ ରାଜକୁମାର ଶ୍ରୀବିଜୟ ନିଜ ପିତାଙ୍କ ଦ୍ୱାରା ବିତାଡ଼ିତ ହୋଇ ନିଜର ୭୦୦ ଅନୁଗାମୀଙ୍କୁ ସାଥିରେ ନେଇ ସିଂହଳ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ସେ ଭେଦା ରାଜବଂଶୀ ରାଜକୁମାରୀଙ୍କୁ ବିବାହ କରି ସେଠାକାର ରାଜା ହୋଇଥିଲେ । ତାମ୍ରପର୍ଣ୍ଣିରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେ କଳିଙ୍ଗର ସିଂହ ରାଜବଂଶର ରାଜକୁମାର ହୋଇଥିବାରୁ ନିଜର ନୂତନ ଶାସିତ ରାଜ୍ୟର ନାମ ରଖିଥିଲେ ସିଂହଳ । ବିଜୟ ସେଠାରେ ଦୀର୍ଘ ୩୨ ବର୍ଷ ଶାସନ କରିଥିଲେ । କଳିଙ୍ଗରୁ ପ୍ରାୟ ୨୫୦୦ ପରିବାର ସିଂହଳ ଯାଇ ସେଠାରେ ସ୍ଥାୟୀ ବସତି ସ୍ଥାପନ କରିଥିଲେ। ଭଗବାନ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ଏହି ଘଟଣା ସଂଘଠିତ ହୋଇଥିଲା। କଳିଙ୍ଗ ସହିତ ସିଂହଳର ସଂପର୍କ ଅନ୍ତତଃ ୨୫୦୦ ବର୍ଷ ପୂର୍ବର ବୋଲି ଜଣାଯାଏ । “ଦାଠ ଧାତୁ ବଂଶ” ବୌଦ୍ଧ ଧର୍ମ ଅନୁଯାୟୀ କଳିଙ୍ଗର ରାଜା ଗୁହଶିବ ଉଜ୍ଜୟିନୀର ରାଜକୁମାର ଦନ୍ତ କୁମାରଙ୍କ ସହିତ ନିଜର କନ୍ୟା ହେମମାଳାଙ୍କୁ ବିବାହ କରାଇଥିଲେ । ବୁଦ୍ଧଦେବଙ୍କର ଏକ ଦନ୍ତ କଳିଙ୍ଗର ରାଜଧାନୀ ଦନ୍ତପୁରଠାରେ ଏକ ସ୍ତୂପରେ ପୂଜିତ ହେଉଥିଲା। ବୁଦ୍ଧଦନ୍ତ ପାଇଁ ଦନ୍ତପୁର ଉପରେ ବାରମ୍ବାର ଆକ୍ରମଣ ହେଉଥିବାରୁ ରାଜା ଗୁହ ଶିବ ନିଜର କନ୍ୟା ହେମମାଳା ଓ ଜାମାତା ଦନ୍ତକୁମାର ଦ୍ୱାରା ଗୋପନରେ ତାହାକୁ ସିଂହଳ ପଠାଇ ଦେଇଥିଲେ । ହେମମାଳା ସେହି ଦନ୍ତକୁ ନିଜ କେଶ ଭିତରେ ସାଇତି ରଖି ସିଂହଳ ଯାତ୍ରା କରିଥିଲେ। ସିଂହଳର ଅନୁରାଧାପୁର ରାଜ୍ୟର ଲଙ୍କାପାଟଣା ବନ୍ଦରରେ ପହଞ୍ଚିସେଠାର ରାଜା ଶିରୀ ମେଘବାହନଙ୍କୁ ସେଇ ଦନ୍ତ ପ୍ରଦାନ କରିଥିଲେ । ତାହା ଏବେ ଶ୍ରୀଲଙ୍କାର କାଣ୍ଡି ଦନ୍ତ ମନ୍ଦିରରେ ପୂଜା ପାଉଛି। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ପରେ ମଗଧ ସମ୍ରାଟ ଅଶୋକ କଳିଙ୍ଗ ବିଜୟ ପରେ ସିଂହଳରେ ବୌଦ୍ଧ ଧର୍ମର ପ୍ରଚାରପ୍ରସାର ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରିଥିଲେ। ଅଶୋକ ନିଜର ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରାଙ୍କୁ ଏକ ବୋଧିଦ୍ରୁମ ପ୍ରଦାନ କରି ବୌଦ୍ଧ ଧର୍ମ ପ୍ରଚାର ନିମନ୍ତେ ସିଂହଳ ପ୍ରେରଣ କରିଥିଲେ । ସେମାନେ ତାହାକୁ ସିଂହଳର ଅନୁରାଧାପୁରଠାରେ ରୋପଣ କରିଥିଲେ। କଳିଙ୍ଗର ତାମ୍ରଲିପ୍ତି ବନ୍ଦର ଭାରତରୁ ବୌଦ୍ଧମାନଙ୍କ ଯାତ୍ରା ଓ ବୌଦ୍ଧଧର୍ମ ପ୍ରଚାରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଗୁପ୍ତଯୁଗରେ ଭାରତ ଆସିଥିବା ଚୀନ ବୌଦ୍ଧ ପଣ୍ଡିତ ଫାହିୟାନ୍ ଏଠାରେ ଦୁଇବର୍ଷ ରହି ଜଣେ ବଣିକଙ୍କ ଜାହାଜରେ ସିଂହଳ ଯାତ୍ରା କରିଥିଲେ। ଏହା ଫାହିୟାନଙ୍କ ବିବରଣୀରେ ଉଲ୍ଲେଖ ଅଛି ।









# ରାଜନୈତିକ ଓ ନୌବାଣିଜ୍ୟ ସମ୍ବନ୍ଧ

ସପ୍ତମ ଶତାବ୍ଦୀରେ ଅନ୍ୟ ଜଣେ ଚୀନ ବୌଦ୍ଧ ସନ୍ନ୍ୟାସୀ ହୁଏନସାଂ ମଧ୍ୟ ତାମ୍ରଲିପ୍ତିରେ କିଛିଦିନ ରହି ସେଠାରୁ ସିଂହଳ ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସମୁଦ୍ରପଥ ବିପଦସଂକୁଳ ହେବ ମନେ କରି ସ୍ଥଳପଥରେ ସେଠାକୁ ଯିବାକୁ ସ୍ଥିର କଲେ। ସେହି ସମୟରେ ସେ ପୁଷ୍ପଗିରି ଆସିଲେ। ତତ୍କାଳୀନ ସମୟରେ ଭାରତର ଏକ ପ୍ରମୁଖ ବୌଦ୍ଧଶିକ୍ଷା କେନ୍ଦ୍ରଥିଲା ପୁଷ୍ପଗିରି। ଏସିଆର ବିଭିନ୍ନ ଅଞ୍ଚଳରୁ ବୌଦ୍ଧ ଶିକ୍ଷାର୍ଥୀମାନେ ଶିକ୍ଷାଲାଭ ପାଇଁ ପୁଷ୍ପଗିରି ମହାବିହାରକୁ ଆସୁଥିଲେ। ପୁଷ୍ପଗିରି ନିକଟବର୍ତ୍ତୀ ବନ୍ଦର ଥିଲା ଚେଲିତୋଲା । ଏହି ବନ୍ଦର ଦେଇ ହୁଏନସାଂ ପୁଷ୍ପଗିରି ଆସିଥିଲେ। ଏହି ଚେଲିତୋଲା ବନ୍ଦର ପ୍ରାଚୀ ନଦୀ କିମ୍ବା ତାହାର କୌଣସି ଶାଖା ନଦୀ କୂଳରେ ଥିବା ସମ୍ଭବ । ତାଙ୍କ ବିବରଣୀରୁ ଜଣାଯାଏ ଏହି ବନ୍ଦରରୁ ସିଂହଳ ସହିତ ନିୟମିତ ଯାତାୟାତ ରହିଥିଲା। କଳିଙ୍ଗ ଓ ସିଂହଳ ମଧ୍ୟରେ ଥିବା ରାଜନୈତିକ ଓ ନୌବାଣିଜ୍ୟ ପରମ୍ପରା ଏପରିକି ଗଙ୍ଗବଂଶର ରାଜତ୍ୱ ପର୍ଯ୍ୟନ୍ତ ବଳବତ୍ତର ରହି ସୁଦୃଢ଼ ସ୍ଥିତି ରଖିପାରିଥିଲା। ଗଙ୍ଗମାନଙ୍କର ଶତ୍ରୁ ଚୋଳରାଜବଂଶ ସିଂହଳରେ ନିଜର ପ୍ରଭାବ ବିସ୍ତାର ପାଇଁ ଉଦ୍ୟମ କରି ସଫଳ ହୋଇଥିଲେ ମଧ୍ୟ ବହୁ ଦିନ ପର୍ଯ୍ୟନ୍ତ ତିଷ୍ଠି ରହିପାରିନଥିଲେ। କଳିଙ୍ଗରୁ ଯାଇଥିବ ନିଶଙ୍କ ମଲ୍ଲ ସିଂହଳରେ ୧୧୮୭-୧୧୯୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ। ସେ ଜଣେ ପ୍ରଚଣ୍ଡ ବୌଦ୍ଧ ଅନୁଗାମୀ ଥିଲେ। ତାମିଲମାନଙ୍କୁ ସିଂହଳରୁ ବିତାଡ଼ିତ କରିବାରେ ସେ ସଫଳ ଉଦ୍ୟମ କରିଥିଲେ। ସିଂହଳରେ କଳିଙ୍ଗ ରାଜକୁମାରମାନଙ୍କର ଅଧିକାରକୁ ସ୍ଥାୟୀ ଭାବରେ ସାବ୍ୟସ୍ତ କରିବାରେ ବହୁ ପ୍ରୟାସ କରିଥିଲେ। ସିଂହଳକୁ ବୌଦ୍ଧମାନଙ୍କର ଶାସନ କରିବାର ଅଧିକାର ଅଛି ବୋଲି ସେ ଘୋଷଣା କରିଥିଲେ। ସିଂହଳର ଅନୁରାଧାପୁରଠାରେ ତାଙ୍କ ଦ୍ୱାରା ନିର୍ମିତ ଅନେକ ବୌଦ୍ଧକୀର୍ତ୍ତି ଆଜି ମଧ୍ୟ ଦୃଷ୍ଟିଗୋଚର ହୁଏ । କଟକ ବାରବାଟୀ ଦୁର୍ଗର ଖନନ ସମୟରେ ସେଠାରୁ ସହସାମଲ୍ଲଙ୍କ ନାମରେ କେତେକ ମୁଦ୍ରା ମିଳିଛି। ଏଥିରୁ ପ୍ରମାଣ ମିଳେ କଳିଙ୍ଗ ସହିତ ସିଂହଳର ନୌବାଣିଜ୍ୟ ପରମ୍ପରା କେତେ ସୁଦୃଢ଼ ଓ ଶକ୍ତିଶାଳୀ ଥିଲା। ଓଡ଼ିଶାର ଲୋକ ପରମ୍ପରା, ଜନଶ୍ରୁତି, କିମ୍ବଦନ୍ତୀ, ଲୋକକଥା, କଳିଙ୍ଗ ଓ ସିଂହଳ ମଧ୍ୟରେ ଥିବା ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରେ। ଭୁବନେଶ୍ୱରର ଉତ୍ତରରେ ଅବସ୍ଥିତ ବାରଙ୍ଗ ରେଳ ଷ୍ଟେସନ ନିକଟସ୍ଥ ଭଗ୍ନ ଚୁଡ଼ଙ୍ଗ ଗଡ଼ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ବହୁ ସାକ୍ଷୀ ବହନ କରେ। ଏହିଗଡ଼ ପ୍ରାଚୀ ନଦୀ କୂଳରେ ଅବସ୍ଥିତ ଥିବାରୁ ଏହା ନୌବାଣିଜ୍ୟର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏସଂପର୍କିତ ଲୋକକଥା ଆଜି ପର୍ଯ୍ୟନ୍ତ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ।







## ଆମଦାନୀ ଓ ରପ୍ତାନି

କିମ୍ବଦନ୍ତୀ ଅନୁଯାୟୀ ଚୋଡ଼ଗଙ୍ଗ ଦେବଙ୍କର କନ୍ୟା ତ୍ରୈଲୋକ୍ୟ ସୁନ୍ଦରୀ ସିଂହଳର ରାଜକୁମାର ବଜ୍ରବାହୁଙ୍କୁ ବିବାହ କରିଥିଲେ। ତେଣୁ ଏକାଦଶ ଶତାବ୍ଦୀ ବେଳକୁ କଳିଙ୍ଗ ଅଧିବାସୀମାନେ ସିଂହଳର ରାଜନୀତି, ଧର୍ମ ଓ ନୌବାଣିଜ୍ୟରେ ପ୍ରମୁଖ ସ୍ଥାନ ଅଧିକାର କରିଥିଲେ। ପ୍ରାଚୀ ନଦୀ କୂଳରେ ଥିବା କାକଟପୁର ମା' ମଙ୍ଗଳାଙ୍କ ସମ୍ବନ୍ଧରେ ଏକ ଜନଶ୍ରୁତି ଅନୁଯାୟୀ ଦେବୀଙ୍କୁ ଦଧିବାମନ ସାହୁ ନାମକ ଜଣେ ବଣିକ ସିଂହଳରୁ ଆଣିଥିଲେ। ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ବ୍ରତ କଥାଗୁଡ଼ିକରେ ସିଂହଳ ଓ କଳିଙ୍ଗ ମଧ୍ୟରେ ଥିବା ନୌବାଣିଜ୍ୟ ପରମ୍ପରାର କଥା ଉଲ୍ଲେଖ ରହିଛି। ଡକ୍ଟର କୁଞ୍ଜବିହାରୀ ଦାଶ ଝାଡ଼ଖଣ୍ଡର ଚକ୍ରଧରପୁରରୁ "ଶାରୀ ଶୁବନାଥୀ ବ୍ରତ" ନାମକ ଏକ ପୋଥି ଉଦ୍ଧାର କରିଥିଲେ। ଏଥିରେ କଳିଙ୍ଗ ଓ ସିଂହଳ ମଧ୍ୟରେ ଥିବା ନୌବାଣିଜ୍ୟ ସଂପର୍କରେ ବର୍ଣ୍ଣନା ରହିଛି। ଡକ୍ଟର ଅରବିନ୍ଦ ପଟ୍ଟନାୟକଙ୍କ ଦ୍ୱାରା ଆବିଷ୍କୃତ ପୋଥିରେ ଥିବା "ଆଶ୍ୱିନ ମାସ ଗୁରୁବାର" ନାମକ ଓଷା କଥାରେ ବର୍ଣ୍ଣନା ଅଛି – ଜଣେ ବିଧବା ବ୍ରାହ୍ମଣୀ ଆଶ୍ୱିନ ମାସ ଗୁରୁବାର ଦିନ ଶ୍ରୀଲକ୍ଷ୍ମୀଙ୍କୁ ପୂଜା କରିବାରୁ ଲକ୍ଷ୍ମୀଦେବୀ ସନ୍ତୁଷ୍ଟ ହୋଇ ତାଙ୍କୁ ସିଂହଳର ଶାଷିକା ପଦରେ ଆସୀନ କରାଇଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନପ୍ରିୟ କାବ୍ୟ 'ଲାବଣ୍ୟବତୀ'ରେ କଳିଙ୍ଗ ଓ ସିଂହଳ ଦ୍ୱୀପର ନୌବାଣିଜ୍ୟ କଥା ଉଲ୍ଲେଖ ରହିଛି। 'ପରିମଳା' ଓ 'ଗଙ୍ଗବଂଶାନୁଚରିତ ଚମ୍ପୂ' ଆଦି କାବ୍ୟରେ ସିଂହଳ ଯାତ୍ରା ଓ ନୌବାଣିଜ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି। କେତେକ ପରିବା ଓ ଫଳ ସିଂହଳ ବା ଶ୍ରୀଲଙ୍କାରୁ ଓଡ଼ିଶା ଆସିଛି ବୋଲି ଲୋକ ବିଶ୍ୱାସ କରନ୍ତି। 'ଲଙ୍କା ମରିଚ'କୁ ଉତ୍ତର ଭାରତରେ କେବଳ 'ମରିଚ' ବୋଲି କୁହନ୍ତି। ଓଡ଼ିଶା ଓ ବଙ୍ଗରେ ଏହାକୁ ଲଙ୍କା ବୋଲି କୁହାଯାଏ। ଏହା ଲଙ୍କାରୁ ଆସିଥିବାର ସେମାନେ ବିଶ୍ୱାସ କରନ୍ତି। ସେହିଭଳି କାଜୁ ଗଛ ବା ଲଙ୍କା ଆମ୍ବ ସିଂହଳରୁ ଆସିଥିବାର ବିଶ୍ୱାସ କରି ଏହାକୁ 'ଲଙ୍କା ଆମ୍ବ' ବୋଲି କୁହାଯାଏ। ଷୋଡ଼ଶ ଶତାବ୍ଦୀରେ ମାଲିକ୍ ମହମ୍ମଦ ଜାୟସୀଙ୍କ ଦ୍ୱାରା ରଚିତ ହିନ୍ଦୀ କାବ୍ୟ 'ପଦ୍ମାବତ୍'ରେ ମଧ୍ୟ ଓଡ଼ିଶା ସହିତ ସିଂହଳର ଜଳଯାତ୍ରା ଓ ନୌବାଣିଜ୍ୟ କଥା ବର୍ଣ୍ଣନା ରହିଛି। ମେବାରର ରାଣା ରତନ ସିଂହ ସ୍ଥଳ ପଥରେ ସିଂହଳ ଯାଇ ରାଣୀ ପଦ୍ମିନୀଙ୍କୁ ବିବାହ କରି ଓଡ଼ିଶା ଫେରିଲେ ଓ ଏଠାରୁ ମେବାର ଯାତ୍ରା କରିଥିବାର ଏଥିରେ ବର୍ଣ୍ଣନା ରହିଛି। ଷୋଡ଼ଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଭାରତକୁ ବାଣିଜ୍ୟ କରିବାକୁ ଆସିଥିବା ଇରୋପୀୟ ଜାତି ପର୍ତ୍ତୁଗୀଜ, ଇଂରେଜ, ଓଲନ୍ଦାଜ ଓ ଫରାସୀମାନଙ୍କ ବିବରଣୀ ସଂପର୍କରେ ଅନେକ ତଥ୍ୟ ଉଲ୍ଲେଖ ରହିଛି। କଳିଙ୍ଗ ଓ ସିଂହଳ ନିଜର ମୌଳିକ ଆବଶ୍ୟକତା ପାଇଁ ପରସ୍ପର ଉପରେ ନିର୍ଭରଶୀଳ ଥିଲେ। ପର୍ତ୍ତୁଗୀଜ, ଡଚ୍ ଓ ଇଂରେଜ ଅଭିଲେଖଗୁଡ଼ିକରେ ଉଲ୍ଲେଖ ରହିଛି ଯେ, ସିଂହଳର ଜନସାଧାରଣ ସେମାନଙ୍କ ଦୁଇ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଚାଉଳ ଓ ବସ୍ତ୍ର ପାଇଁ ଓଡ଼ିଶା ଉପରେ ନିର୍ଭର କରିଆସୁଥିଲେ। ସେ ସମୟରେ ସିଂହଳରେ ପର୍ଯ୍ୟାପ୍ତ ପରିମାଣର ଚାଉଳ ଉତ୍ପାଦନ ହେଉ ନଥିଲା। ସିଂହଳର ପଡ଼ୋଶୀ ତାମିଲନାଡୁରେ ମଧ୍ୟ ପର୍ଯ୍ୟାପ୍ତ ଚାଉଳ ସେ ସମୟରେ ଉତ୍ପାଦନ ହେଉ ନଥିଲା। ଓଡ଼ିଶାର ବାଲେଶ୍ୱର ବନ୍ଦରରୁ ସିଂହଳ ଚାଉଳ ଆମଦାନୀ କରୁଥିଲା। କୋଙ୍କଣ ସିଂହଳର ନିକଟବର୍ତ୍ତୀ ହେଲେ ମଧ୍ୟ କଳିଙ୍ଗରୁ ସେମାନେ ଚାଉଳ ଆମଦାନୀ କରନ୍ତି। ଏହାର କାରଣ ଓଡ଼ିଶାର ମୋଟା ଚାଉଳ କୋଙ୍କଣର ସରୁ ଚାଉଳ ଅପେକ୍ଷା ବହୁ ପରିମାଣରେ ଶସ୍ତା ଥିଲା। ଏହା ସିଂହଳର ଜନସାଧାରଣଙ୍କ ପାଇଁ ସୁଲଭ ଥିଲା। ବାଲେଶ୍ୱରର ସ୍ଥାନୀୟ ମହାଜନମାନେ ଏଠାରୁ ଚାଉଳ କିଣି ନେଇ ସିଂହଳର ଗେଲ ଓ ଜାଫନା ବନ୍ଦରରେ ପ୍ରଚୁର ଲାଭରେ ବିକ୍ରି କରୁଥିଲେ। ବାଲେଶ୍ୱରୀ ବସ୍ତ୍ରର ମଧ୍ୟ ସିଂହଳରେ ଭଲ ଚାହିଦା ରହିଥିଲା। ଏହା ବ୍ୟତୀତ ଦୁଗ୍ଧଜାତ ସାମଗ୍ରୀ, ଖାଇବା ତେଲ, ଲୁହା ଓ ଅଫିମ୍ ସିଂହଳକୁ ରପ୍ତାନି କରାଯାଉଥିଲା। ଅନ୍ୟପକ୍ଷରେ ସିଂହଳରୁ କଳିଙ୍ଗକୁ ଆମଦାନୀ ହେଉଥିଲା ହାତୀ, ହାତୀଦାନ୍ତ, ଗୁଆ, ଡାଲଚିନି, ଶଙ୍ଖ ଓ କଉଡ଼ି। ଉଭୟ ଆମଦାନୀ ଓ ରପ୍ତାନୀରେ ବାଲେଶ୍ୱରୀ ମହାଜନମାନେ ବିଶେଷ ଲାଭବାନ ହେଉଥିଲେ। କଳିଙ୍ଗର ଚାଉଳ, ବସ୍ତ୍ର ଓ ଦୁଗ୍ଧଜାତ ଦ୍ରବ୍ୟ ସିଂହଳର ପ୍ରତ୍ୟେକ ଘରର ଆବଶ୍ୟକତା ପୂରଣ କରୁଥିଲା। ସେହିପରି ସିଂହଳର ଗୁଆ, ଶଙ୍ଖ ଓ କଉଡ଼ି କଳିଙ୍ଗର ଘରେ ଘରେ ପ୍ରଚଳିତ ଓ ପରିଚିତ ଥିଲା। କଳିଙ୍ଗ ଓ ସିଂହଳ ମଧ୍ୟରେ ଶହ ଶହ ବର୍ଷ ଧରି ନୌବାଣିଜ୍ୟ ଚାଲିଥିଲା। ତ୍ରୟୋଦଶ ଶତାବ୍ଦୀଠାରୁ ଦୁଇ ଭୂଖଣ୍ଡ ମଧ୍ୟରେ କୂଟନୈତିକ ଓ ଧାର୍ମିକ ସଂପର୍କ ଆଉ ନଥିଲା ୧୬୫୮ ଖ୍ରୀଷ୍ଟାବ୍ଦରେ ଡଚ୍ ଇଷ୍ଟ୍ ଇଣ୍ଡିଆ କମ୍ପାନି ସିଂହଳ ଅଧିକାର କଲେ ସେମାନେ କଳିଙ୍ଗ ସହିତ ଥିବା ବାଣିଜ୍ୟିକ ସଂପର୍କରେ ପ୍ରତିବନ୍ଧକ ସୃଷ୍ଟି କଲେ। ସିଂହଳ ଓ କଳିଙ୍ଗ ମଧ୍ୟରେ ଥିବା ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଆମ ମହାନ୍ ଅତୀତର ସ୍ମୃତିଚାରଣ କରେ। ■



ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ,
ମଦନପୁର, ଖୋର୍ଦ୍ଧା-୭୫୨୦୫୪
ମୋ: ୮୮୯୫୧୯୦୪୭୫



## ନୌବାଣିଜ୍ୟର ମୁଖ୍ୟ କେନ୍ଦ୍ର କଟକ

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଗଙ୍ଗବଂଶୀ ଅନନ୍ତବର୍ମ ଚୋଡ଼ଗଙ୍ଗ ଦେବ ଉତ୍କଳ, କଙ୍ଗୋଦ, କଳିଙ୍ଗକୁ ଏକଶାସନାଧୀନ କରିଥିଲେ । ଗଙ୍ଗବଂଶର ରାଜଧାନୀ କଳିଙ୍ଗନଗର (ମୁଖଲିଙ୍ଗ) ରୁ ଯେତେବେଳେ କଟକକୁ ଉଠି ଆସିଲା, ସେତେବେଳେ କଳିଙ୍ଗ ନାମ ପରିବର୍ତ୍ତେ (ଓଡ୍ର) ଉତ୍କଳ ନାମ ପ୍ରଚଳିତ ହେଲା । ସମ୍ଭବତଃ କଳିଙ୍ଗନଗର ନିକଟବର୍ତ୍ତୀ ବଂଶଧାରା ନଦୀ ନୌବାଣିଜ୍ୟ ପାଇଁ ଅନୁକୂଳ ନ ହେବାରୁ କଟକକୁ ରାଜଧାନୀ ପରିବର୍ତ୍ତନ ହୋଇଥିଲା । ଅତଏବ ଚୋଡ଼ଗଙ୍ଗ ଦେବଙ୍କ ସମୟରୁ କଳିଙ୍ଗର ରାଜଧାନୀ ଥିଲା କଟକ ନଗରୀ । ଏହା ଥିଲା ସେତେବେଳେ ନୌବାଣିଜ୍ୟର ମୁଖ୍ୟକେନ୍ଦ୍ର । ନୌବାଣିଜ୍ୟର ଉତ୍କର୍ଷତା ଲାଭ କରିଥିଲା କଟକ । କଳିଙ୍ଗ ବା ଉତ୍କଳର ବଣିକମାନେ ଆରବସାଗର ପାର ହୋଇ ଆଫ୍ରିକା ମହାଦେଶର ପୂର୍ବ ଉପକୂଳ ରାଜ୍ୟମାନଙ୍କରେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ବାଣିଜ୍ୟ ବ୍ୟବସାୟକୁ ଶତ୍ରୁମୁଖରୁ ରକ୍ଷା କରିବା ନିମନ୍ତେ କଳିଙ୍ଗରେ ବିରାଟ ନୌସେନା ଥିଲେ । ଉତ୍କଳୀୟ ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ବୋଇତ ଓ ଜାହାଜ, ଶିଳ୍ପ ସ୍ଥାପତ୍ୟରେ ବେଶ୍ ପାରଦର୍ଶିତା ଲାଭ କରିଥିଲା ।



# କଟକର ନୌବାଣିଜ୍ୟ



ଡକ୍ଟର ହରିହର କାନୁନ୍‌ଗୋ

ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟରେ ବହୁ ପର୍ବତ, ମାଳଭୂମି, ନଦନଦୀ ଓ ସୁଦୀର୍ଘ ସମୁଦ୍ର ରହିଥିବାରୁ ଉତ୍କଳର ଅଧିବାସୀମାନେ ନୌବାଣିଜ୍ୟରେ ପାରଙ୍ଗମ ଥିଲେ । ଓଡ଼ିଶାର ବିଭିନ୍ନ ପର୍ବପର୍ବାଣିରେ ନୌବାଣିଜ୍ୟର ସୂଚନା ଏ ଜାତିକୁ ମହାନ୍ ସଂସ୍କୃତିସମ୍ପନ୍ନ ଜାତି ରୂପେ ପରିଗଣିତ କରିପାରିଛି । ଉତ୍କଳୀୟମାନେ ସମୁଦ୍ରରେ ବାଣିଜ୍ୟ କାରବାର କରୁଥିବାରୁ ସେମାନେ ସାମୁଦ୍ରିକ ଜାତି ଭାବରେ ପରିଗଣିତ ହୋଇ ଆସୁଥିଲେ । ଓଡ଼ିଆ ଜାତିର ସମୃଦ୍ଧି ସମୁଦ୍ରକୁ ଆଶ୍ରୟ କରି ହିଁ ସମ୍ଭବପର ହୋଇଛି । ତମ୍ବାପଟାର ଉଲ୍ଲେଖ ଅନୁସାରେ ଓଡ଼ିଶାର ରାଜା ମହାରାଜାମାନେ ବିଭିନ୍ନ ବ୍ୟକ୍ତିଙ୍କୁ ନଦୀତଟ ଓ ଘାଟର ସ୍ୱତ୍ୱମାନ ପ୍ରଦାନ କରୁଥିଲେ । ପ୍ରାଚୀନ କାଳରେ ଏହି ନୌଯାତ୍ରା ଥିଲା ଅତ୍ୟନ୍ତ ବିପଦସଙ୍କୁଳ । ଗଙ୍ଗା ମାତାଙ୍କୁ ସ୍ମରଣ କରି ଓଡ଼ିଆ ପୁଅ, ସୀମାହୀନ ଦରିଆରେ ଜାହାଜ ମେଲି ଦେଉଥିଲା । ଗଭୀର ସାଗର ବକ୍ଷରେ ଚନ୍ଦ୍ର, ସୂର୍ଯ୍ୟ ନକ୍ଷତ୍ର ଦ୍ୱାରା ଦିଗ ନିର୍ଣ୍ଣୟ କରି ସେ ବାଣିଜ୍ୟ ତରୀ ଛାଡ଼ି ଦେଉଥିଲା । ଧର୍ମ ପ୍ରଚାର ଓ ବାଣିଜ୍ୟ ବ୍ୟବସାୟ କରିବା ଥିଲା ସମୁଦ୍ର ଯାତ୍ରାର ଉଦ୍ଦେଶ୍ୟ । ଏହି ନୌବାଣିଜ୍ୟ ଫଳରେ ଉତ୍କଳରେ ସାଂସ୍କୃତିକ ବିକାଶ ସହିତ ଅର୍ଥନୈତିକ ଉନ୍ନତି ସମ୍ଭବପର ହୋଇଥିଲା ।

କଳିଙ୍ଗର ଅଧିବାସୀମାନେ ବିରାଟକାୟ ନୌକାରେ ବାଣିଜ୍ୟ କାରବାର କରୁଥିଲେ। ଚୀନ, ଶ୍ୟାମ, ବ୍ରହ୍ମଦେଶ, ସୁବର୍ଣ୍ଣଦ୍ୱୀପ (ଜାଭା, ସୁମାତ୍ରା, ବାଲି ବୋର୍ଣ୍ଣିଓ) ଓ ସିଂହଳ ଥିଲା ନୌବାଣିଜ୍ୟର ପ୍ରଧାନ କେନ୍ଦ୍ର। ଏହି ଭୂଖଣ୍ଡରେ କଳିଙ୍ଗର ସାଧବମାନେ ସ୍ଥାପନ କରିଥିଲେ 'ଦରିଆପାରି ସାମ୍ରାଜ୍ୟ'। ସେଠାରେ ଉପନିବେଶ ସ୍ଥାପନ ହେବା ସଙ୍ଗେ କଳିଙ୍ଗର ଧର୍ମ, ସଂସ୍କୃତି, ସଭ୍ୟତା, ଶିଳ୍ପର ପ୍ରଚାର ଓ ପ୍ରସାର ଘଟିଥିଲା। ଏହି ଦରିଆପାରି ସାମ୍ରାଜ୍ୟର ଅନ୍ୟନାମ ଥିଲା 'ବୃହତ୍ କଳିଙ୍ଗ'। ଏବେ ସୁଦ୍ଧା ସେହି ଅଞ୍ଚଳରେ 'କ୍ଲିଂ' ଜାତି କଳିଙ୍ଗର ଅଧିବାସୀ ଭାବରେ ପରିଚିତ ହୋଇ ଆସୁଛନ୍ତି। ମୂଳ ଅଧିବାସୀମାନେ କଳିଙ୍ଗ ଜାତିରେ ରୂପାନ୍ତରିତ ହୋଇ ବସବାସ କରୁଛନ୍ତି।

## ବସ୍ତ୍ର ତିଆରିରେ ପ୍ରସିଦ୍ଧ କଳିଙ୍ଗ

ସେତେବେଳେ ସୂକ୍ଷ୍ମବସ୍ତ୍ର ତିଆରି ନିମନ୍ତେ କଳିଙ୍ଗ ପ୍ରସିଦ୍ଧି ଲାଭ କରିଥିଲା। ତାମିଲ୍ ରାଜ୍ୟରେ ଏହି କଳିଙ୍ଗ ବସ୍ତ୍ରର ଏତେ ଚାହିଦା ଥିଲା ଯେ ସେମାନେ ବସ୍ତ୍ରକୁ କଳିଙ୍ଗ ବୋଲି କହୁଥିଲେ। କିମ୍ବଦନ୍ତୀ ଅଛି ଯେ, କଳିଙ୍ଗ ରାଜା ଥରେ ଅଯୋଧ୍ୟାର ରାଜାଙ୍କୁ ଖଣ୍ଡିଏ ସୂକ୍ଷ୍ମବସ୍ତ୍ର ଉପହାର ଦେଇଥିଲେ। ଜଣେ ଭିକ୍ଷୁଣୀ ତାହାକୁ ପିନ୍ଧିବାରୁ ଲୋକେ ତାକୁ ଉଲଗ୍ନ ହୋଇଛି ବୋଲି କହିଲେ। ରାତିରେ ଘାସ ପଡ଼ିଆ ଉପରେ କଳିଙ୍ଗ ବସ୍ତ୍ରର ସୂକ୍ଷ୍ମତା ଜାଣିବା ପାଇଁ ପରୀକ୍ଷା କରାଗଲା। ଦେଖାଗଲା ଯେ, କାକରରେ ରାତିଯାକ ତିନ୍ତି ସକାଳୁ ଘାସ ସହିତ ବସ୍ତ୍ରଟି ଏପରି ମିଶି ଯାଇଥିଲା ଯେ ବାରି ହେଉନଥିଲା। ଏହି ସୂକ୍ଷ୍ମବସ୍ତ୍ରକୁ



ସାଇତା ହୋଇ ବାଉଁଶ ନଳି ଭିତରେ ରଖାଯାଉଥିଲା। ଅତଏବ ଉତ୍କଳରେ ନିର୍ମିତ ସୂକ୍ଷ୍ମ ରେଶମପାଟ, ନୀଳ ଝୀନ ଶାଢ଼ି, ବିଭିନ୍ନ ହସ୍ତତନ୍ତ, ଶିଳ୍ପ ମୂର୍ତ୍ତି, ପଥର ବାସନ, ପଥରରେ ନିର୍ମିତ ଅନ୍ୟାନ୍ୟ ପାତ୍ର ପ୍ରଭୃତି ବିଦେଶକୁ ପଠାଯାଉଥିଲା ଏବଂ ସେ ସବୁର ବିନିମୟରେ ସେଠାରୁ ଚନ୍ଦ୍ରକାନ୍ତ ଓ ସୂର୍ଯ୍ୟକାନ୍ତ ମଣି, ମୁକ୍ତା, ହୀରା, ଶାଳଗ୍ରାମ ଶିଳା, ହାତୀଦାନ୍ତ, ବାଘନଖ, ଗଣ୍ଡାଚମଡ଼ା, ଦକ୍ଷିଣାବର୍ତ୍ତ ଶଙ୍ଖ, ଚଉଁରୀ, ରୁଦ୍ରାକ୍ଷ, କସ୍ତୁରୀ, ଗୁଆ, ଗୋଲମରିଚ ଓ କାର୍ପାସବସ୍ତ୍ର ପ୍ରଭୃତି ମୂଲ୍ୟବାନ ପଦାର୍ଥ ନିଜ ଦେଶକୁ ଆଣୁଥିଲେ।

## ସାମଗ୍ରୀ ରପ୍ତାନିର ପ୍ରଧାନ କେନ୍ଦ୍ର


କଟକ-ଜଗତସିଂହପୁର ଦେବୀ ନଦୀରେ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ସମୁଦ୍ରଠାରୁ ସାତମାଇଲ ବଡ଼ ବଡ଼ ଜାହାଜମାନ ଆସୁଥିଲା। ମହାନଦୀର ମୁହାଣଠାରୁ ନଦୀଗର୍ଭରେ କିଛି ଦୂର ପର୍ଯ୍ୟନ୍ତ ୩୦୦/୪୦୦ ଟନ ବୋଝେଇ ଜାହାଜଗୁଡ଼ିକ ଯାତାୟାତ କରିପାରୁଥିଲା। ବାଲେଶ୍ୱରର ଧାମରା ବନ୍ଦର ଲବଣ ରପ୍ତାନି ନିମନ୍ତେ ଏବଂ କଟକର ଦେବୀ ନଦୀର ମୁହାଣ ନିକଟସ୍ଥ ମାଛଗାଁ ଧାନ ରପ୍ତାନିର ପ୍ରଧାନ କେନ୍ଦ୍ର ଥିଲା। କଟକ ଜଗତସିଂହପୁର ପାଟୁଆର ହରିଶପୁରଠାରେ ଇଂରେଜମାନେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ। ମହାନଦୀ କୂଳରେ ବୈଦ୍ୟେଶ୍ୱର, କଣ୍ଟିଲୋ ଏବଂ ପଦ୍ମାବତୀ ପ୍ରଭୃତି ତିନିଗୋଟି ସ୍ଥାନ ବାଣିଜ୍ୟଜୀବୀର ମୁଖ୍ୟସ୍ଥାନ ଥିଲା। ନାବିକମାନେ ଏହି ଅଞ୍ଚଳରୁ ଲୁଣ, ମସଲା, ନଡ଼ିଆ ଓ ପିତ୍ତଳର ଜିନିଷମାନ ମହାନଦୀରେ ଦେଇ ସମ୍ବଲପୁର ଅଞ୍ଚଳରୁ କପା, ଗହମ, ଲୁହା, ହଳଦୀ, ଟସର ଓ ଧାନ ଚାଉଳ ଆଦି ଆଣୁଥିଲେ। କଳିଙ୍ଗର ପୋତଗୁଡ଼ିକ ଦିନରେ ପ୍ରାୟ ଦୁଇଶହ ମାଇଲ ସମୁଦ୍ର ପଥରେ ଗତି କରିପାରୁଥିଲା। ସମ୍ରାଟ ଅଶୋକଙ୍କ ଆଦେଶାନୁସାରେ ରାଜକୁମାରୀ ସଂଘମିତ୍ରା ସାତଦିନରେ ତାମ୍ରଲିପ୍ତିରୁ ବାହାରି ସିଂହଳର ପହଞ୍ଚି ଥିଲେ। ତାମ୍ରଲିପ୍ତିର ପ୍ରାଚୀନ ନାମ ଥିଲା ତାମିଲତିସ୍। ନଦୀପଥର ଗତି ପରିବର୍ତ୍ତନ ଯୋଗୁଁ ତାମ୍ରଲିପ୍ତି ଏବେ ସମୁଦ୍ରଠାରୁ ବହୁ ଦୂରକୁ ଚାଲିଯାଇଛି। ଏଠାରୁ କଳିଙ୍ଗର ସୁନ୍ଦର ସୂକ୍ଷ୍ମବସ୍ତ୍ର ରପ୍ତାନି ହେଉଥିଲା।

## ସମ୍ବଲପୁରରୁ ହୀରା ରପ୍ତାନି

ସମ୍ବଲପୁର ହୀରା ମଧ୍ୟ ନୌବାଣିଜ୍ୟର ଶ୍ରେଷ୍ଠବସ୍ତୁ ଥିଲା। ଖ୍ରୀଷ୍ଟପୂର୍ବ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ସମ୍ବଲପୁର ହୀରା ବହୁ ମୂଲ୍ୟରେ ରୋମନଗରୀରେ ବିକ୍ରି କରାଯାଉଥିଲା। ଏପରିକି ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମ୍ବଲପୁରର ହୀରାଖଣିରୁ ପ୍ରଚୁର ପରିମାଣରେ ହୀରା ମିଳୁଥିଲା। ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ମହାନଦୀ ଓ ଇବ୍‌ର ରେଣୁକୁ ଧୋଇ ଝରାମାନେ ପ୍ରଚୁର ସୁନା ପାଉଥିଲେ। ସମ୍ବଲପୁରର ହୀରା ନୌକା ଯୋଗେ ମହାନଦୀ ବାଟେ ପୂର୍ବୋପକୂଳର ବନ୍ଦରମାନଙ୍କୁ ରପ୍ତାନି ହେଉଥିଲା ଏବଂ ସ୍ଥଳ ପଥରେ ପଶ୍ଚିମୋପକୂଳର ବନ୍ଦରମାନଙ୍କୁ ଯାଉଥିଲା। ସେଠାରୁ ଯାଉଥିଲା ରୋମନଗରୀକୁ ବିକ୍ରି ପାଇଁ। ରୋମର ଅନ୍ୟ ନାମ ଥିଲା ଶ୍ରୀକ୍ଷେତ୍ର। ସମ୍ବଲପୁରର ପଣ୍ୟଦ୍ରବ୍ୟ ମହାନଦୀ ବାଟେ ଯାଉଥିଲା ପୂର୍ବୋପକୂଳକୁ।

ନରାଜର ଠିକ୍ ତଳକୁ ମହାନଦୀ ବିଭକ୍ତ ହୋଇଥିଲା ତିନି ଭାଗରେ। ମହାନଦୀର ଶାଖାନଦୀ ଗନ୍ଧବତୀ (ଗଙ୍ଗୁଆ) ପରବର୍ତ୍ତୀ କାଳରେ ପ୍ରାଚୀ ଓ ପୁଷ୍ପଭଦ୍ରା (କୁଶଭଦ୍ରା) ରେ ପରିଣତ ହେଲା। ଦଧିଶ୍ରବା (ଦୟା) ଓ ଭାର୍ଗବୀ ମହାନଦୀର ଥିଲା ପ୍ରଶାଖା। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥକାଠ ଗଡ଼ଜାତ ଅଞ୍ଚଳରୁ କାଠ ଭେଳା ଯୋଗେ ମହାନଦୀ କାଠଯୋଡ଼ି କୁଆଖାଇ ଦେଇ ଦୟାନଦୀ ଓ ଅଠରନଳା ବାଟେ ପୁରୀକୁ ଯାଉଥିଲା। ବର୍ତ୍ତମାନ ଏହି ନଦୀଗୁଡ଼ିକର ଗତିପଥ ବଦଳିଛି। କିନ୍ତୁ ପ୍ରାଚୀନ ଯୁଗରେ ମହାନଦୀ ବାଟେ ଯାଉଥିବା ପଣ୍ୟଦ୍ରବ୍ୟ ଏହି ଶାଖା ନଦୀମାନଙ୍କ ଜରିଆରେ ସମୁଦ୍ର ପର୍ଯ୍ୟନ୍ତ ଯାତାୟାତ କରୁଥିଲା। ଏହି ଶାଖାମାନ କୋଣାର୍କ ବା ଚିଲିକା ନିକଟରେ ସମୁଦ୍ରରେ ପଡ଼ିଥିବାରୁ ଏହା ଥିଲା ପ୍ରାଚୀନ ବନ୍ଦର। ପ୍ରାଚୀନ ନଦୀ ତୋଷାଳୀ ବାଟେ କୋଣାର୍କରେ ମିଶିଥିବାରୁ ଏହାକୁ ଚେଳିତାଲୋ ବନ୍ଦର ବୋଲି କହନ୍ତି। ସେତେବେଳେ ଏହା ଥିଲା ନୌବାଣିଜ୍ୟର ପ୍ରଧାନ କେନ୍ଦ୍ର। ବହୁ ଗବେଷକ ଐତିହାସିକ ଆଧୁନିକ ତିର୍ତ୍ତୋଲକୁ ଚେଳିତାଲୋ ବନ୍ଦର ବୋଲି ଚିହ୍ନିତ କରିଛନ୍ତି। ସେହିପରି ଚିତ୍ରୋତ୍ପଳା ନଦୀ ତୀରରେ ବନ୍ଦର ଥିବାର କେତେକ ଲକ୍ଷଣ ପରିଦୃଷ୍ଟ ହୁଏ। ପ୍ରଥମ ଚିହ୍ନ ହେଉଛି ପାହାଡ଼ ଶୀର୍ଷରେ ସେତେବେଳେ ଏକ ଉଚ୍ଚସ୍ତମ୍ଭ ଗଠନ କରି ତା' ଉପରେ ପ୍ରଦୀପ ରଖାଯାଉଥିଲା। ଓଡ଼ିଶାର ଉପକୂଳରେ ବହୁ ବତୀଘର ରହିଛି। ପଞ୍ଚଦଶ ଶତାବ୍ଦୀରେ ଭାରତର ପୂର୍ବ ଉପକୂଳରେ ଗଢ଼ି ଉଠିଥିବା ପାରାଦ୍ୱୀପ ବନ୍ଦରର ବତିଘର, ଜୁମ୍ବର ହୁକିଟୋଲା (ବତିଘର) ଏ କ୍ଷେତ୍ରରେ ଉଲ୍ଲେଖନୀୟ। ପାରାଦ୍ୱୀପ ସମ୍ପର୍କରେ ପ୍ୟାରିସ୍‌ର ଏକ ଗ୍ରନ୍ଥାଳୟରେ ଥିବା ଜଣେ ଆରବୀୟ ନାବିକଙ୍କ ବୃତ୍ତାନ୍ତରୁ ଜଣାପଡ଼େ ଯେ 'ପ୍ରଦୀପ' ଶବ୍ଦରୁ 'ପାରାଦ୍ୱୀପ'ର ସୃଷ୍ଟି। ପ୍ରାଚୀନ ବନ୍ଦରର ଦ୍ୱିତୀୟ ଚିହ୍ନ ହେଉଛି କଣ୍ଡରା ବା କେଉଟ ବସ୍ତି। ସେତେବେଳେ ଏମାନେ ଥିଲେ ନାବିକ-ପ୍ରାଚୀନ ନାଗବଂଶୀୟ। ଏହି ନାଗ ସମ୍ପ୍ରଦାୟର ଲୋକେ ନୌକା ଓ ଜାହାଜ ଚଳାଇବାରେ ବେଶ୍ ଧୁରନ୍ଧର ଥିଲେ। ତୃତୀୟ ଚିହ୍ନ ହେଉଛି, ଏକ ଶିବମନ୍ଦିର କିମ୍ବା ବୌଦ୍ଧସ୍ତୂପ। ସେତେବେଳର ଉଡ୍ର ବା ଉତ୍କଳୀୟ ନାବିକମାନେ ବିପଦପୂର୍ଣ୍ଣ ସୁଦୀର୍ଘ ସମୁଦ୍ରଯାତ୍ରା କରିବା ପୂର୍ବରୁ ଶିବମନ୍ଦିର କିମ୍ବା ବୌଦ୍ଧସ୍ତୂପରେ ଆରାଧନା କରୁଥିଲେ। ଆଜି ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁସଂଖ୍ୟକ ଶିବମନ୍ଦିର ଓ ବୌଦ୍ଧସ୍ତୂପ ରହିଛି। ଚିତ୍ରୋତ୍ପଳା ନଦୀକୂଳରେ ବହୁ ଶିବମନ୍ଦିର ବୌଦ୍ଧସ୍ତୂପ ପରିଲକ୍ଷିତ ହୁଏ। କଟକ ମହାନଦୀ ତୀରରେ ଥିବା ପ୍ରସିଦ୍ଧ ଗଡ଼ଗଡ଼ିଆ ଶିବମନ୍ଦିର, ପ୍ରାଚୀ ନଦୀ କୂଳରେ ଥିବା ଦ୍ୱାଦଶଶମ୍ଭୁ ଓ ବନ୍ଦରେଶ୍ୱର ମହାଦେବ ମନ୍ଦିର, ବଂଶଧାରା ନଦୀ କୂଳରେ ଥିବା କଳିଙ୍ଗ ନଗରର ମଧୁକେଶ୍ୱର, ଭୀମେଶ୍ୱର ଓ ସୋମେଶ୍ୱର ମନ୍ଦିର ପ୍ରଭୃତି ବହୁ ଶିବମନ୍ଦିର ଓ ବୌଦ୍ଧସ୍ତୂପ ଦେଖିବାକୁ ମିଳେ।

ପ୍ରାଚୀ ନଦୀ କୂଳସ୍ଥ ଚଉରାଶୀ ଗ୍ରାମରେ ଏକ ବୋଇତବନ୍ଧା ଲୁହାଖମ୍ବ, କାକଟପୁରର ବହୁତ ଗ୍ରାମରେ ଜାହାଜପଡ଼ିଆ, ଜାହାଜପାଟ, ବୋଇତଡିହ, ବୋଇତକୁଦ, ପାଣ୍ଡବକୁଦ, ଗୋପାଳକୁନ, ଅମଣିଆକୁଦ (ପାଟଣା), କୁଦପାଟଣା, ତୁଳସୀପୁର ଆଦି ସ୍ଥାନରେ ନୌବାଣିଜ୍ୟର ସୂଚନା ମିଳେ। ଚିତ୍ରୋତ୍ପଳା ନଦୀକୂଳରେ ନାଗଣପୁର ନିକଟବର୍ତ୍ତୀ କୁଦାଗନରୀ (କୁଦପାଟଣା)ରେ ବୋଇତକୁଦ, ବୋଇତପାଟ ଓ ଶୁକ ପରୀକ୍ଷିତ ଗାଦି ରହିଛି। ଏବେ ସୁଦ୍ଧା ନାଗଣପୁରର ବୋଇତପାଟରେ ବୋଇତର ନଙ୍ଗର ମାଟିତଳେ ପୋତିହୋଇ ପଡ଼ି ରହିଛି। କଟକର ପାଗା ନିକଟରେ ଚିତ୍ରୋତ୍ପଳାର ଗୋଟିଏ ନଦୀ ଧାର ଥିଲା। ତାହା ବର୍ତ୍ତମାନ ଆଉ ନାହିଁ। କିନ୍ତୁ ସାଲେପୁର ଦେଇ ମହାନଦୀର ଶାଖା ନଦୀ ଭାବରେ ଚିତ୍ରୋତ୍ପଳା କୁଦାନଗରୀ, କଳାବୁଦାବାରେଣୀ ଇତ୍ୟାଦି ଗ୍ରାମ ଦେଇ ଚଉମୁହାଁଣିଠାରେ ସମୁଦ୍ରରେ ମିଶିଛି।



## ନଦୀପଥରେ ବାଣିଜ୍ୟ କାରବାର

କଟକର ତାଳଦଣ୍ଡା କେନାଲ, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କେନାଲରେ ନୌକା ସାହାଯ୍ୟରେ କିଛି ବର୍ଷ ବାଣିଜ୍ୟ କାରବାର ଚାଲୁଥିଲା। କିନ୍ତୁ ବର୍ତ୍ତମାନ ପ୍ରାୟ ବନ୍ଦ ହୋଇ ଆସିଲାଣି। ପୂର୍ବ ଗୌରବ ଓ ଐତିହ୍ୟ ସବୁ ଆଜି ଲୁପ୍ତପ୍ରାୟ। କର୍ପୂର ଉଡ଼ିଯାଇଛି, ମାତ୍ର ପଡ଼ିଛି ଟିକିଏ ସେହି କନାର ବାସନା। ଉତ୍କଳୀୟ ବନ୍ଦରଗୁଡ଼ିକ ମଧ୍ୟରେ ତାମ୍‌ଲିତିସ୍ (ତାମ୍ରଲିପ୍ତି), କୋଶମ୍ବ (ବାଲେଶ୍ୱର), ଅଜମସ (ସୁବର୍ଣ୍ଣରେଖା), ତନ୍ଦିସ୍ (ବ୍ରାହ୍ମଣୀ), ଦୋସରମ (ବୈତରଣୀ), ମନଦ (ମହାନଦୀ), କଟିକର୍ଦ୍ଦମ (କଟକ), ନନିଗେନ୍ (ପୁରୀ), ନୈନଗୋନା ବା କୋଣାଗର ବା କନ୍‌ନୋଗର (କୋଣାର୍କ), ପାଲୁରା (ପାଲୁର୍), କରିକରାଡମ୍ (କରିକରାଡମ୍ (କଳିଙ୍ଗନଗର/କଳିଙ୍ଗପାଟଣା) ପ୍ରଭୃତି ବାଣିଜ୍ୟ କେନ୍ଦ୍ର ରୂପେ ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ସେଗୁଡ଼ିକର ସତ୍ତା ଆଉ ନାହିଁ – କଳଗର୍ଭରେ ବିଲୀନ ପ୍ରାୟ।

ତତ୍କାଳୀନ କଳିଙ୍ଗର ରାଜଧାନୀ କଟକ କହିଲେ ଉତ୍ତରରେ ମେଦିନୀପୁର ତାମ୍ରଲିପ୍ତି ବନ୍ଦରଠାରୁ ଦକ୍ଷିଣରେ ଚିଲିକା ଦେଇ କଳିଙ୍ଗ ପାଟଣା ପର୍ଯ୍ୟନ୍ତ ବିସ୍ତୃତ ଥିଲା। ବାଲେଶ୍ୱର ବନ୍ଦରଠାରୁ ଚିଲିକା ପାଲୁର୍ ବନ୍ଦର ଭିତରେ କଟକର ନୌବାଣିଜ୍ୟ ଚାଲୁଥିଲା। ପୁଣି ତାମ୍ରଲିପ୍ତି ବନ୍ଦରରୁ, ଧାମରା ବନ୍ଦର ଦେଇ ପାରାଦ୍ୱୀପ ଓ କୋଣାର୍କ ତଥା ପାଲୁର୍ ବନ୍ଦର ବାଟେ ସିଂହଳ, ଜାଭା, ସୁମାତ୍ରା, ବାଲି ବୋର୍ଣ୍ଣିଓ, ମାଳୟ, ଚୀନ ଓ ଶ୍ୟାମ ଦେଶ ପ୍ରଭୃତି ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ସହିତ ଯେଉଁ ବାଣିଜ୍ୟିକ ସଂପର୍କ ରହିଥିଲା, ତାହାର ଯୋଗସୂତ୍ର ରକ୍ଷା କରୁଥିଲା ଏହି ମହାନଦୀ ଓ କାଠଯୋଡ଼ିର ମଧ୍ୟସ୍ଥଳୀ କଟକ ନଗରୀ। ସେତେବେଳେ କଟକର ମହାନଦୀ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ନୌବାଣିଜ୍ୟର ଯୋଗସୂତ୍ର ରକ୍ଷା କରିପାରୁଥିଲା। ଜଳପଥ ହିଁ ଗମନାଗମନର ଏକମାତ୍ର ସୁବିଧା ଓ ନିରାପଦ ପଥ ଥିଲା। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ବିରୁପା, ଗେଙ୍ଗୁଟି, ମହାନଦୀ, ଦେବୀ ନଦୀ, କାଠଯୋଡ଼ି, ଚିତ୍ରୋତ୍ପଳା, ପାଇକା, ଦୟା, ଭାର୍ଗବୀ, କୁଶଭଦ୍ରା, ପ୍ରାଚୀ, ଚନ୍ଦ୍ରଭାଗା, ମାଟିଆ ନଦୀ, ଋଷିକୁଲ୍ୟା, ବଂଶଧାରା ଓ ନାଗାବଳୀ ଆଦି ପୁରାଣପ୍ରସିଦ୍ଧ ପୁଣ୍ୟ ନଦନଦୀ ପୂର୍ବରେ ସମୁଦ୍ର ସହିତ ସଂଯୋଗ ହୋଇଥିବାରୁ ବୋଇତ ଓ ଜାହାଜରେ ବାଣିଜ୍ୟ କାରବାର ସହଜ ହେଉଥିଲା।

### ନୌବାଣିଜ୍ୟ ପାଇଁ ଅନୁକୂଳ ସମୟ

ଓଡ଼ିଆରେ ଗୋଟିଏ କଥା ଅଛି, "ଚଇତ, ଶୀତ ଯାଏ, ଯାଏ ବୋଇତ"। ଅର୍ଥାତ୍ ଚୈତ୍ର ମାସ ବେଳକୁ ଶୀତ ଛାଡ଼ି ଯାଇଥାଏ। କାର୍ତ୍ତିକ ମାସଠାରୁ ଚୈତ୍ର ମାସ ଯାଏ ଉତ୍ତର-ପୂର୍ବ ଦିଗରୁ ପବନ ବହେ। ତେଣୁ ଉତ୍କଳୀୟ ବଣିକମାନେ କାର୍ତ୍ତିକ ଓ ଚୈତ୍ର ମଧ୍ୟରେ ଉତ୍ତର ପୂର୍ବସ୍ଥ ଦେଶମାନଙ୍କର ଏବଂ ଆଷାଢ଼ଠାରୁ କାର୍ତ୍ତିକ ମଧ୍ୟରେ ଅନୁକୂଳ ବାୟୁରେ ନିଜ ଦେଶକୁ ଫେରି ଆସୁଥିଲେ। ଅତଏବ ଆଷାଢ଼ଠାରୁ କାର୍ତ୍ତିକ ଏବଂ କାର୍ତ୍ତିକ ଠାରୁ ଚୈତ୍ର ପର୍ଯ୍ୟନ୍ତ ବର୍ଷର ଏହି ଦୁଇଟି ସମୟ ନୌବାଣିଜ୍ୟ ପାଇଁ ପ୍ରକୃଷ୍ଟ ସମୟ ଥିଲା। ତେଣୁ ସାରା କାର୍ତ୍ତିକ ମାସରେ ଧର୍ମକର୍ମ କରି ହୃଦୟକୁ ପବିତ୍ର ରଖିବା ସଙ୍ଗେ ସଙ୍ଗେ ପୂର୍ଣ୍ଣମୀ ଦିନ ଶୁଦ୍ଧ ପବିତ୍ର ମନରେ ନଦୀ ଓ ପୁଷ୍କରିଣୀରେ ନୌକା ଭସାଉଥିଲେ।

## ସ୍ମୃତିର ପ୍ରତୀକ ବାଲିଯାତ୍ରା ଓ ବୋଇତ ବନ୍ଦାଣ

କାର୍ତ୍ତିକ ପୂର୍ଣ୍ଣମୀଠାରୁ ଦୀର୍ଘ ପାଞ୍ଚଦିନ ଧରି କଟକ ଗଡ଼ଗଡ଼ିଆ ଘାଟଠାରେ ବାଲିଯାତ୍ରା ଅନୁଷ୍ଠିତ ହୁଏ। ଏହା ସହିତ ନୌବାଣିଜ୍ୟର ସମ୍ପର୍କ ରହିଛି। ନୌବାଣିଜ୍ୟର କେନ୍ଦ୍ରସ୍ଥଳୀ ଭାବରେ ସେତେବେଳେ ମହାନଦୀର ଗଡ଼ଗଡ଼ିଆ ଘାଟ ପ୍ରସିଦ୍ଧି ଲାଭ କରିଥିଲା। ଏହି ବାଲିଯାତ୍ରା ସହିତ ପୂର୍ବଭାରତୀୟ ଉପକୂଳରେ ଥିବା ବାଲିଦ୍ୱୀପର ସମ୍ପର୍କ ରହିଛି। ସପ୍ତମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଶୈଳେନ୍ଦ୍ର ବାଲିଦ୍ୱୀପରେ ତାଙ୍କର ରାଜ୍ୟ ସ୍ଥାପନ କରିଥିଲେ। ଚତୁର୍ଦ୍ଦଶ ଶତାବ୍ଦୀର ଏକ ଓଡ଼ିଆ ଲିପି ବାଲି ଦ୍ୱୀପରେ ଅଦ୍ୟାବଧି ଅଛି। ଏଥିରୁ ଜଣାପଡ଼େ ସେ ଉତ୍କଳୀୟ ବଣିକମାନେ ସମୁଦ୍ର ପଥରେ ବାଲିଯାତ୍ରା କରୁଥିଲେ ଏବଂ ଉଭୟ ଦେଶ ମଧ୍ୟରେ ନୌବାଣିଜ୍ୟ







ଅତ୍ୟନ୍ତ ଘନିଷ୍ଠ ଥିଲା। ଓଡ଼ିଶାର ବାଲିଯାତ୍ରା ଓ ବୋଇତ ବନ୍ଦାଣ ପ୍ରଥା ଏହାର ସୂଚନା ଦିଏ।

ପ୍ରାଚୀନ ଗୌରବାବହ ସଂସ୍କୃତିର ସ୍ୱାକ୍ଷର ବହନକରି ଆଜି ଓଡ଼ିଆ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ଭସାଣ ଉତ୍ସବ ଜରିଆରେ ଅତୀତର ମହାନ୍ ସ୍ମୃତିକୁ ଯୁଗ ଯୁଗ ଧରି ବଞ୍ଚାଇ ରଖିଛି ଓ ରଖିବ ମଧ୍ୟ। କଟକର ନୌବାଣିଜ୍ୟ କହିଲେ ଉତ୍କଳ ବା କଳିଙ୍ଗର ନୌବାଣିଜ୍ୟକୁ ବୁଝାଉଥିବାରୁ – କଟକର ପ୍ରାଚୀନ ସଂସ୍କୃତି ହିଁ ଉତ୍କଳୀୟ ସଂସ୍କୃତି ଏହା ନିଃସନ୍ଦେହ। ■

ପ୍ଲଟ୍ ନଂ: ୨୨୮୩, ଚକେଇଶିଆଣି, ରସୁଲଗଡ଼, ଭୁବନେଶ୍ୱର-୧୦



# କଳିଙ୍ଗ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଅଧ୍ୟାୟ

ଗୌରୀ ପ୍ରସାଦ ମହାପାତ୍ର

**ଭାରତବର୍ଷରେ ଏପରି କୌଣସି ରାଜ୍ୟର ସୁସମୃଦ୍ଧ ନୌବାଣିଜ୍ୟ ପରମ୍ପରା ନାହିଁ, ଯାହା ଓଡ଼ିଶା ତଥା ତତ୍କାଳୀନ କଳିଙ୍ଗର ସଂସ୍କୃତି, ସଭ୍ୟତା ଓ ଚିନ୍ତାଚେତନାରେ ପ୍ରଭାବିତ ହୋଇନାହିଁ। ନୌବାଣିଜ୍ୟରେ ଓଡ଼ିଆ ସାଧବ ପୁଅ କେବଳ ଉତ୍ତର-ପୂର୍ବ ଏସିଆରେ ବାଣିଜ୍ୟିକ ଭିତ୍ତିଭୂମି ପ୍ରତିଷ୍ଠା କରି ନଥିଲା, ବରଂ ସେଠାରେ ଉତ୍କଳୀୟ ଧର୍ମ, ସଂସ୍କୃତି, ପରମ୍ପରା ସ୍ଥାପନା କରିଥିଲା।**

ଖ୍ରୀଷ୍ଟପୂର୍ବ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରୁ ଆରମ୍ଭ ହୋଇଥିଲା କଳିଙ୍ଗର ନୌବାଣିଜ୍ୟର ଏହି ଗୌରବମୟ ଯାତ୍ରା। ପାଶ୍ଚାତ୍ୟ ସଭ୍ୟତା ଜଳପଥ ଆବିଷ୍କାର କରିବା ପୂର୍ବରୁ ଓଡ଼ିଶା ବା ତତ୍କାଳୀନ କଳିଙ୍ଗ ବା ଉତ୍କଳର ଅଧିବାସୀ ଜଳପଥରେ ସମଗ୍ର ଦକ୍ଷିଣ-ପୂର୍ବ ଏସିଆ ସମେତ ସୁଦୂର ଆଫ୍ରିକାରେ ପହଞ୍ଚି ପାରିଥିଲେ। ଦକ୍ଷିଣ ଏସିଆର ଇଣ୍ଡୋନେସିଆ, ମାଲେସିଆ, କାମ୍ବୋଡ଼ିଆ, ଭିଏତନାମ ପରି ଦେଶ ସହିତ କଳିଙ୍ଗର ନୌବାଣିଜ୍ୟିକ କାରବାର ସମୃଦ୍ଧ ଥିଲା। ଏଥିସହିତ ରୋମାନ୍ ସାମ୍ରାଜ୍ୟ, ଇରାନ୍, ଚୀନ୍, ଜାପାନ ପର୍ଯ୍ୟନ୍ତ କଳିଙ୍ଗର ବାଣିଜ୍ୟିକ ପରିସର ବୃଦ୍ଧି ପାଇଥିଲା। ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଦ୍ୱୀପର ମିଳିତ ସମାହାରକୁ କୁହାଯାଉଥିଲା 'ସୁବର୍ଣ୍ଣ ଦ୍ୱୀପ'। 'ସୁବର୍ଣ୍ଣ ଦ୍ୱୀପ' ଓ କଳିଙ୍ଗର ବାଣିଜ୍ୟ କାରବାର ଏକ ଭାବଗତ ସମ୍ପର୍କ ସୃଷ୍ଟି କରିଥିଲା। ଏହାର ନିଦର୍ଶନ ଆଜି ବି ସେଠାର ଲୋକସଂସ୍କୃତିରେ ଦେଖିବାକୁ ମିଳେ। ଏପରିକି ବାଣିଜ୍ୟ କରିବାକୁ ଯାଇ ସେଠାରେ ସ୍ଥାୟୀ ଭାବେ ରହି ଯାଇଥିଲେ କଳିଙ୍ଗର ଅଧିବାସୀ। ବର୍ତ୍ତମାନର 'ବଙ୍ଗୋପସାଗର' ସେତେବେଳେ 'କଳିଙ୍ଗସାଗର' ନାମରେ ବିଖ୍ୟାତ ଥିଲା ଓ କଳିଙ୍ଗର ବୋଇତଗୁଡ଼ିକ ହିଁ ସେଠାରେ ଦୃଶ୍ୟମାନ ହେଉଥିଲା। ମୁଖ୍ୟତଃ କଳିଙ୍ଗ ଉପକୂଳ ସମୁଦ୍ର ଓ ଚିଲିକା ହ୍ରଦ ନୌବାଣିଜ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।


## ବିଦେଶରେ କଳିଙ୍ଗର ପଦଚିହ୍ନ


ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ କଳିଙ୍ଗ ନୌବାଣିଜ୍ୟର ଇତିହାସ ମହାନ। ଉତ୍ତରାଧ୍ୟାୟନ ସୂତ୍ର ଓ ଜୈନ ଉପାଙ୍ଗ 'ପ୍ରଜ୍ଞାପାନ'ରୁ ପ୍ରାପ୍ତ ତଥ୍ୟାନୁଯାୟୀ ପ୍ରମାଣିତ ହୁଏ ଯେ ଖ୍ରୀ.ପୂ. ୮୦୦ରୁ ୭୦୦ ମଧ୍ୟରେ ସେ ସମୟର କଳିଙ୍ଗର ଶାସକ ରାଜାମାନଙ୍କର ପୃଷ୍ଠପୋଷକତାରେ ସାଧବ ପୁଅମାନେ ନୌବାଣିଜ୍ୟ ପାଇଁ ବିଦେଶକୁ ଯାତ୍ରା କରୁଥିଲେ ଏବଂ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲି ଆଦି ଇଣ୍ଡୋନେସିଆର ଦୀପପୁଞ୍ଜ ଓ ମାଳୟ ପେନିସୁଲା, ସିଙ୍ଗାପୁର ଆଦି ଦ୍ୱୀପପୁଞ୍ଜରେ ବସତି ସ୍ଥାପନ କରିଥିଲେ। କଳିଙ୍ଗର ଧର୍ମ ଓ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇ ମାଲେସିଆ ଦ୍ୱୀପପୁଞ୍ଜର ରାଜାମାନେ ସେଠାରେ ବହୁ ମନ୍ଦିର ପ୍ରତିଷ୍ଠା କରିଥିବା ବିଭିନ୍ନ ଇତିହାସକାରମାନେ ଉଲ୍ଲେଖ କରିଛନ୍ତି। ବାଲିରୁ ଉଦ୍ଧାର କରାଯାଇଥିବା ଏକ ଶିଳାଲିପିକୁ ଗବେଷଣା କରି ଐତିହାସିକମାନେ ମତ ଦେଇଛନ୍ତି ଯେ କୋଶଳର ରାଜା ଜନ୍ମେଜୟ (ପ୍ରଥମ)ଙ୍କ ସମସାମୟିକ କେଶରୀବର୍ମ ଦେବ କୋଶଳରୁ ଯାତ୍ରା କରି ବାଲିରେ ପ୍ରବେଶ କରିଥିଲେ। ସେଠାରେ ୯ମ ଶତାବ୍ଦୀରେ ନିଜର ସାମ୍ରାଜ୍ୟ ପ୍ରତିଷ୍ଠା କରି ହିନ୍ଦୁଧର୍ମ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିଥିଲେ। ବାଲି ଦ୍ୱୀପ ବହୁଳ ଭାବରେ ଉତ୍କଳ-କୋଶଳ-କଳିଙ୍ଗର ସଂସ୍କୃତି ଦ୍ୱାରା ପ୍ରଭାବିତ। କଳିଙ୍ଗରୁ ଯାତ୍ରା କରିଥିବା ବଣିକ ଓ ସାଧବମାନଙ୍କ ଦ୍ୱାରା ବର୍ମାରେ 'ଶ୍ରୀକ୍ଷେତ୍ର' ଏବଂ 'ପୁରମ୍' ପ୍ରତିଷ୍ଠିତ ହୋଇଥିଲା। ଗବେଷକମାନଙ୍କ ମତରେ କଳିଙ୍ଗ ସହ ଥାଇଲାଣ୍ଡର (ସିଆମ୍‌ଶ୍ୟାମ) ନୌବାଣିଜ୍ୟ ସମ୍ପର୍କ ଦୀର୍ଘ ୩୦୦ବର୍ଷ ଧରି ରହିଥିଲା। ସେହିପରି କାମ୍ବୋଡ଼ିଆ ବା କମ୍ବୋଜ୍ ସହିତ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ଉଭୟ ଦେଶର ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଉନ୍ନତ କରିଥିଲା। ଏତ୍‌ଦବ୍ୟତୀତ କଳିଙ୍ଗ ନୌବାଣିଜ୍ୟର ସମ୍ପର୍କ ପ୍ରାଚୀନ ମେସୋପଟାମିଆ ସଭ୍ୟତା କାଳରେ ସୁମେରିୟା, ବାବିଲୋନିଆ, ଇସିରୀୟ, ଆନାଟୋଲିଆ, ଆଙ୍କାରା, ନିତାନ୍ନି, ପାରସ୍ୟ, ଗ୍ରୀସ୍, ଭୂମଧ୍ୟସାଗର, ରୋଡସ୍, ଆଲସ୍ୟା ବା ସାଇପ୍ରସ୍, କ୍ରେତି, ରୋମ, ମିଶରୀୟ ସଭ୍ୟତା, ମାଳୟ, ପାନ୍‌ପାନ୍, ତୁନ୍‌ସଂ, କର୍ମରଙ୍ଗା, ତାନ୍‌ତାନ୍, ମାଲାସ୍କା, ଜାପାନ, ଚମ୍ପା, ଆରବ, ଆଫ୍ରିକା, ଆଦି ନଗରମାନଙ୍କ ସହିତ ଗଢ଼ି ଉଠିଥିଲା।

'ଦକ୍ଷିଣ-ପୂର୍ବ ଏସିଆ ଇତିହାସ'ରୁ ଜଣାଯାଏ ଯେ କୌଣ୍ଡିନ୍ୟ ବ୍ରାହ୍ମଣମାନେ କଳିଙ୍ଗର ପାଲୁର ଓ ତାମ୍ରଲିପ୍ତି ବନ୍ଦର ବାଟ ଦେଇ ଫୁନାନ୍ ଯାଇ ସେଠାରେ ଆଧିପତ୍ୟ ବିସ୍ତାର କରିଥିଲେ। ଅନ୍ୟ ଏକ ତଥ୍ୟ ଅନୁଯାୟୀ ଅମରାବତୀ-ଅମରୁଳୀରେ କୌଣ୍ଡିନ୍ୟ ବ୍ରାହ୍ମଣମାନଙ୍କର ବସତି ଥିଲା। ଏହି ଅଞ୍ଚଳ ଚିଲିକା ବ୍ଲକ ନିମିନା, ବାଲିଆ, ଗଇନଡ଼ା ଅଞ୍ଚଳରେ ଥିବା ଜଣାଯାଏ। 'ହିଷ୍ଟ୍ରି ଅଫ୍ ଦି ସର୍ଦନ ସି'ର ତଥ୍ୟ ଆଧାରରେ ଫୁନାନ୍‌ରେ ଜୟବର୍ମନଙ୍କ ଶାସନ କାଳରେ ଭଗବାନ ମହେଶ୍ୱରଙ୍କୁ ପୂଜା କରାଯାଉଥିଲା। ଜାଭା ଓ ବର୍ମାର ଅଙ୍ଗକୋରମାନେ ପାଶୁପତ୍ୟ ସମ୍ପ୍ରଦାୟର ହିନ୍ଦୁଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ। କଳିଙ୍ଗବାସୀ ବିଦେଶରେ ହିନ୍ଦୁଧର୍ମର ପ୍ରଚାର ଓ ପ୍ରସାର କରିଥିଲେ। ଜାଭାରେ ଭାରତୀୟ ଧର୍ମ, କଳା, ସାହିତ୍ୟ ଓ ସଂସ୍କୃତି ଆଦିର ପ୍ରସାର ଓ ପ୍ରଚାର ପ୍ରଥମେ ତ୍ରିତ୍ରେସ୍ତା ନାମକ ଜଣେ ବ୍ରାହ୍ମଣଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ସେ ଶ୍ରୀକ୍ଷେତ୍ର ପୁରୀର ଜଣେ ଶାକ ବ୍ରାହ୍ମଣ ଥିଲେ। ତ୍ରିତ୍ରେସ୍ତା ଜାଭାରେ 'ଜାଭାନିକ୍ ଏରା', 'ଶାକଏରା' ବା 'ସନ' ଆଦି ପ୍ରଚଳନ କରିଥିଲେ।



# କଳିଙ୍ଗର ଚର୍ଚ୍ଚିତ ବନ୍ଦର





କଳିଙ୍ଗ ଉପକୂଳରେ ବନ୍ଦର ସମ୍ପର୍କରେ ଗ୍ରୀକ୍ ସାହିତ୍ୟ, ଟଲେମୀଙ୍କ ଭୂଗୋଳ, ଚୀନ ପରିବ୍ରାଜକଙ୍କ ଭ୍ରମଣ କାହାଣୀ, ଆରବ ଓ ପାରସ୍ୟ ଭୂଗୋଳ ପୁସ୍ତକ, ବ୍ରିଟିଶ, ଡଚ୍ ଓ ଫରାସୀ ଶାସକମାନଙ୍କ ନୌବାଣିଜ୍ୟ ରେକର୍ଡ, ନାବିକମାନଙ୍କର ଜଳଯାତ୍ରାର ଲଗ୍‌ବୁକ୍ ଆଦିରୁ ଅନେକ ସୂଚନା ମିଳିଥାଏ। ପ୍ରସିଦ୍ଧ ଐତିହାସିକ, ପରିବ୍ରାଜକ ତଥା ଭୂଗୋଳବିତ୍ ଟଲେମୀଙ୍କ ପୁସ୍ତକ ଏବଂ 'ଦି ପେରିପ୍ଲସ୍ ଅଫ୍ ଦି ଏରିଥ୍ରିୟାନ ସି' ନାମକ ଏକ ପୁସ୍ତକରେ କଳିଙ୍ଗ ଉପକୂଳରେ ଅନେକ ବନ୍ଦର ବିଷୟରେ ଉଲ୍ଲେଖ ରହିଛି। ପର୍ତ୍ତୁଗାଲ ପରିବ୍ରାଜକ ଟୋମେ ପିରୋଜଙ୍କ ପୁସ୍ତକରୁ ମଧ୍ୟ କଳିଙ୍ଗର ଅନେକ ବନ୍ଦର ବିଷୟରେ ସୂଚନା ମିଳେ। ଆଉ କେତେକ ବନ୍ଦର ସମ୍ପର୍କରେ ବହୁ ଗବେଷକ, ନାବିକ, ପରିବ୍ରାଜକ, ଐତିହାସିକ ଉଲ୍ଲେଖ କରିଥିଲେ ମଧ୍ୟ ସେସବୁ ବନ୍ଦର ଏବେ ବିଲୁପ୍ତ ପ୍ରାୟ ଓ ଅନାଲୋଚିତ।

ରୋମାନ୍ ପଣ୍ଡିତ ପ୍ଲିନି ଯେଉଁ ଦୁର୍ଗକୁ ଗଙ୍ଗାଠାରୁ ୫୭୪ ବ୍ରିଟିସ୍ ମାଇଲ ଦୂରତାରେ ଥିଲା ବୋଲି ଲେଖିଛନ୍ତି, ତାହାକୁ ପରବର୍ତ୍ତୀ କାଳରେ ଗବେଷକମାନେ 'ଦନ୍ତପୁର' ରୂପେ ଚିହ୍ନଟ କରିଛନ୍ତି। ପ୍ରଫେସର ସିଲଭେନ୍ ଲେଭି 'ଦନ୍ତପୁର'କୁ ଟଲେମୀଙ୍କ ଦ୍ୱାରା ବର୍ଣ୍ଣିତ ଗଞ୍ଜାମର 'ପାଲୁର' ବନ୍ଦର ବୋଲି କହିଛନ୍ତି। ଜୈନ ଧର୍ମଗ୍ରନ୍ଥ 'ଉତ୍ତରାଧ୍ୟାୟନ' ସୂତ୍ରରେ ଗଞ୍ଜାମ ଜିଲ୍ଲା ଜରଡ଼ାଥାନାର ଅଧୀନ ପିହୁଣ୍ଡିକୁ 'ପିହୁଣ୍ଡା ବନ୍ଦର' ନାମରେ ନାମିତ କରାଯାଇଛି। ଗଞ୍ଜାମର ଜରଡ଼ାଥାନା ଅଧୀନ ବାହୁଦା ନଦୀ କୂଳରେ ଥିବା 'ରାଜପୁର' ଏକଦା କଳିଙ୍ଗର ରାଜଧାନୀ ଓ ବନ୍ଦର ନଗରୀ ରୂପେ ଜଣାଶୁଣା ଥିଲା। ଖ୍ରୀଷ୍ଟପୂର୍ବ ୩୦୦ରେ ମେଘାସ୍ଥିନିସ୍‌ଙ୍କ ଭାରତ ଭ୍ରମଣ କାଳରେ ବନ୍ଦର ନଗରୀ 'ପାର୍ଥାଳି' ବା 'ପ୍ରସ୍ତାରୀ' କଳିଙ୍ଗର ରାଜଧାନୀ ଥିବା ସେ ଉଲ୍ଲେଖ କରିଛନ୍ତି। ଗଞ୍ଜାମ ଜିଲ୍ଲାର ଚିଲିକା ଉପକୂଳରେ ପଥରା ନିକଟରେ 'ଛତ୍ରଗଡ଼' ବନ୍ଦର ଥିବା ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଭ୍ରମଣ କାହାଣୀରୁ ଜଣାଯାଏ।



କେତେକ ଗବେଷକ 'ତାମ୍ରଲିପ୍ତି'କୁ ଭାରତର ସର୍ବପ୍ରାଚୀନ ବନ୍ଦର ରୂପେ ମାନ୍ୟତା ଦେଇଛନ୍ତି। ହୁଏନ୍‌ସାଂଙ୍କ ଭ୍ରମଣ କାହାଣୀରେ ମଧ୍ୟ 'ତାମ୍ରଲିପ୍ତି' ଓଡ଼ିଶାର ଏକ ସମୃଦ୍ଧିଶାଳୀ ବନ୍ଦର ଥିବା ଉଲ୍ଲେଖ ରହିଛି। ସେହିପରି ଜୈନ ଧର୍ମର ପ୍ରସିଦ୍ଧ ତୀର୍ଥଙ୍କର ମହାବୀର ଶ୍ରୀବସ୍ତିରୁ ପୂର୍ବ ଭାରତ ଯାତ୍ରାକାଳରେ 'ହାଠଶୀଶ' ବନ୍ଦର ଦେଇ ତୋଷାଳି ଯାଇଥିବା ଜଣାଯାଏ। ଇଜିପ୍ଟ ପରିବ୍ରାଜକ ଟଲେମୀଙ୍କ ଭ୍ରମଣ କାହାଣୀରେ ଚିଲିକାର ପୂର୍ବ ଉପକୂଳରେ ଚିଲିକା ବ୍ଲକ୍ ହାଟବରଡ଼ିହ ଗ୍ରାମପଞ୍ଚାୟତର 'ଗଇନଡ଼ା' ଏକ ପୁରାତନ ବନ୍ଦର ଭାବେ ଉଲ୍ଲେଖ ରହିଛି। ସେହି ତଥ୍ୟ ଅନୁଯାୟୀ, ଛତ୍ରଗଡ଼ ନିକଟରେ 'ବଡ଼କୂଳ', 'ଅଶ୍ୱାରୀ ପାଟଣା', 'ଗଣପତି ପାଟଣା', 'ସୁବୁଦ୍ଧିପାଟଣା', 'ଇଞ୍ଜିନପୁର', 'ହରିପୁର', 'ନିମିନା', 'ବାଲିଆ', 'ଆମରୋଳୀ' ବା 'ଅମରାବଳୀ', 'ଇଚ୍ଛାପୁର', 'ହରିପୁର', ନିମିକ୍ଷେତା ଗ୍ରାମ ପଞ୍ଚାୟତର 'ଇଞ୍ଜିନପୁର', ସିଙ୍ଗେଶ୍ୱର ଗ୍ରାମ ପଞ୍ଚାୟତର 'ଖଣ୍ଡୁଆଳକୋଟ', 'କାଳୁପଡ଼ାଘାଟ', 'ଥୋରଣ' ବା 'ସୋରଣ' ଆଦି ଅନେକ କ୍ଷୁଦ୍ର ବନ୍ଦର ଥିଲା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ 'କାଶୀପୁର', 'କୁହୁଡ଼ି', 'ଓରଡ଼', 'ପାରିଓରଡ଼', 'ହଳଦିଆ ପାଟଣା', 'ବାଣପୁର', 'ବାଲୁଗାଁ-ବାଲିଗ୍ରାମ' ଆଦି ମଧ୍ୟ କ୍ଷୁଦ୍ରବନ୍ଦର ରୂପେ କାର୍ଯ୍ୟକ୍ଷମ ଥିଲା।

ଚିଲିକା ହ୍ରଦ ଅରଖକୁଦା ସମୁଦ୍ର ମୁହାଁଣ ନିକଟରେ ଚିଲିକାର ବାହାରନାଳିର ଉତ୍ତର ଦିଗରେ ଥିବା 'ମାଣିକପାଟଣା'ରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଧଳାରଙ୍ଗର ଚୀନାପାତ୍ର, ଇରାନ, ଇରାକ୍ ଓ ବ୍ରହ୍ମଦେଶରେ ସେ କାଳରେ ବ୍ୟବହୃତ ହେଉଥିବା ପ୍ରାଚୀନ ପାତ୍ର ଉଦ୍ଧାର କରିଛନ୍ତି। ଏଠାରୁ ଦେଶବିଦେଶକୁ ଚାଉଳ, ଲୁଣ, ସୂତାବସ୍ତ୍ର ଆଦି ରପ୍ତାନୀ କରାଯାଉଥିବା ଅନୁମାନ କରାଯାଏ। ଝଡ଼, ବାତ୍ୟା ସମୟରେ ବଙ୍ଗୋପସାଗରକୁ ଜାହାଜ ଆସି ଚିଲିକା ମୁହାଁଣ ଦେଇ 'ମାଣିକପାଟଣା' ବନ୍ଦରଠାରେ ଆଶ୍ରୟ ନେଉଥିବା ବହୁ ଗବେଷକ ପ୍ରମାଣସିଦ୍ଧ ତଥ୍ୟ ଉଲ୍ଲେଖ କରିଛନ୍ତି। ଗବେଷଣାଲବ୍ଧ ତଥ୍ୟାନୁଯାୟୀ, ମଙ୍ଗଳକାବ୍ୟ, ବଙ୍ଗଳାର ପାଲ୍ଲା ସାହିତ୍ୟ ଗୀତରେ 'ପୁରୀ' ବନ୍ଦରର ନାମ ଉଲ୍ଲେଖ ରହିଛି। ସେହିପରି 'କଟିକର୍ଦ୍ଧମା' ବା 'କୋଟିକର୍ଦ୍ଧମା' ନାମରେ ଏକ ବନ୍ଦର କାକଟପୁରର କାଦୁଆ ନଦୀ ନିକଟରେ ଥିଲା। 'ଜନ୍ନଗର' ବା 'କୋନଗର-ଜନ୍ନଗର' ବା 'କୋଣନଗର' ବା 'କୋଣାର୍କ ବନ୍ଦର'ର ନାମ ଅନେକ ଇତିହାସରେ ବର୍ଣ୍ଣନା ରହିଛି। ଟଲେମୀଙ୍କ ମାନଚିତ୍ରରେ 'ମାନଦା'କୁ ଏକ ନଦୀ-ବନ୍ଦର ରୂପେ ବର୍ଣ୍ଣନା କରାଯାଇଛି। ଗବେଷକଙ୍କ ମତରେ ଏହା ହିଁ ମହାନଦୀ। ମହାନଦୀର ଜଳପଥରେ ବଙ୍ଗୋପସାଗର ଉପକୂଳ ବନ୍ଦରକୁ ଛୋଟ ଛୋଟ ଡଙ୍ଗା ସାହାଯ୍ୟରେ ପଣ୍ୟଦ୍ରବ୍ୟ ପରିବହନ କରାଯାଉଥିଲା। କଟକ ସହର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଓ ଦୁର୍ଗ ଥିଲା। ତାଙ୍କ ଦ୍ୱାରା ଉଲ୍ଲେଖିତ 'କୋତ୍ତବର ବନ୍ଦର', ପୁରୀ ଜିଲ୍ଲାର ନିମାପଡ଼ା ଅଧୀନ 'ଅଗର କୋଠବାଡ଼' ଓ 'ସିପାରା' ବନ୍ଦର ବା କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳର 'ସିପୁର' ବା 'ଶ୍ରୀପୁର' (ସୁନ୍ଦର ସହର) ନୌବାଣିଜ୍ୟ କାରବାର ସ୍ଥଳ ଥିଲା। ଯାଜପୁର ସହରର 'ଦୋସାରନ ମୁହାଁଣ' ବା ବ୍ରାହ୍ମଣୀ-ବୈତରଣୀ ମୁହାଁଣରେ 'ମିନାଗରା' ଓ 'ଦୋସାରନ' ନାମକ ଏକ ବନ୍ଦର ଥିଲା, ଯାହା ପରବର୍ତ୍ତୀ କାଳରେ ସମୁଦ୍ରରେ ଲୀନ ହୋଇଯାଇଥିବା ଅନୁମାନ କରାଯାଉଛି। ସୁବର୍ଣ୍ଣରେଖା ନଦୀର ପଶ୍ଚିମ ଉପକୂଳରେ ବାଲେଶ୍ୱର ଜିଲ୍ଲାରେ 'ଅମର୍ଦ୍ଦା', 'କୋରିଙ୍ଗା' ବା 'କୋଡ଼ିଙ୍ଗା' ବା 'କୋଟିଗ୍ରାମ' ନାମରେ ବନ୍ଦର ଥିବା ବିଭିନ୍ନ ଭ୍ରମଣ କାହାଣୀରେ ଉଲ୍ଲେଖ ରହିଛି।

ଐତିହାସିକଙ୍କ ମତରେ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରୁ ବଂଶଧାରା ନଦୀ ମୁହାଣରେ 'କଳିଙ୍ଗପତ୍ତନମ୍' ଏକ ବୃହତ୍ ବନ୍ଦର ରୂପେ କାର୍ଯ୍ୟକ୍ଷମ ଥିଲା। ବର୍ତ୍ତମାନ ଏହା ଏକ କ୍ଷୁଦ୍ର ବନ୍ଦର ରୂପେ କାର୍ଯ୍ୟ କରୁଛି। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହର ନିକଟରେ ବଙ୍ଗୋପସାଗର ଉପକୂଳରେ 'ଗୋପାଳପୁର' ବନ୍ଦର ନିକଟରେ ଥିବା ଆର୍ଯ୍ୟପଲ୍ଲୀ ଆର୍ଯ୍ୟମାନଙ୍କର ଏକ ବସତି ଥିଲା। ଏଠାରେ ଥିବା ଅନେକ କୁଦରୁ ବହୁ ପୁରାତନ ମୁଦ୍ରା, ଟେରାକୋଟା, ମାଟିପାତ୍ର, ମାଟିର ଦୀପ ଆଦି ମିଳିଛି। ସପ୍ତଦଶ ଶତାବ୍ଦୀରେ ସମୃଦ୍ଧଶାଳୀ 'ପିପିଲି' ବନ୍ଦର କ୍ରୀତଦାସ ଶ୍ରମିକ କିଣାବିକାର ଏକ ପ୍ରମୁଖ ବଜାର ଥିଲା। 'ପିପିଲି' ବନ୍ଦରରେ ପ୍ରତିବର୍ଷ ଗୋଟିଏ ବଡ଼ ଜାହାଜ ନିର୍ମାଣ କରାଯାଇ ଢାକାସ୍ଥିତ ମୋଗଲ ନବାବଙ୍କୁ ଭେଟି ଦିଆଯାଉଥିବା ଏବଂ ସେଠାରୁ ଚିନି ରପ୍ତାନୀ ହେଉଥିବା ମଧ୍ୟ ଜଣାଯାଏ। ସେହିପରି ପ୍ରାଚୀ ନଦୀ ଅବବାହିକାରେ 'ହରିଶପୁର' ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ଥିଲା। ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ଡଚ୍ କମ୍ପାନୀ ପ୍ରଥମେ ଓଡ଼ିଶାର ଏହି ବନ୍ଦରରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ ବୋଲି ଗବେଷକମାନେ ମତ ଦିଅନ୍ତି। ଐତିହାସିକ ତଥ୍ୟ ଅନୁଯାୟୀ, ପ୍ରାଚୀ ଓ ଦେବୀ ନଦୀ ମଧ୍ୟଭାଗରେ ବହୁ ଲୁଣ ପୋକ୍ତାନ ଥିଲା। ହରିଶପୁରରେ ଏକ ଜାହାଜ ନିର୍ମାଣ ଓ ମରାମତି କାରଖାନା ମଧ୍ୟ ଥିଲା, ଯେଉଁଠାରୁ ଚାଉଳ ଓ ସୂତାବସ୍ତ୍ର ରପ୍ତାନୀ ହେଉଥିଲା। ଦେବୀନଦୀ ମୁହାଣରେ 'ମରୀଚିପୁର' ଏବଂ ବଙ୍ଗୋପସାଗର ଉପକୂଳରେ 'ବାଲେଶ୍ୱର' ସେ ସମୟରେ ପ୍ରମୁଖ ବନ୍ଦର ରୂପେ କାର୍ଯ୍ୟକ୍ଷମ ଥିଲା। ଭଦ୍ରକ ଜିଲ୍ଲାର ବୈତରଣୀ ନଦୀ ମୁହାଣରେ 'ଚାନ୍ଦବାଲି' ଓ 'ଧାମରା' ବନ୍ଦରରୁ ସପ୍ତଦଶ ଶତାବ୍ଦୀରେ ଧାନ, ଚାଉଳ, ସୂତାବସ୍ତ୍ର, ଥାନଲୁଗା, ଟସର ବସ୍ତ୍ର, ଲୁଣ, ଚିନି, ଗୁଡ଼, ଲାଖ ଆଦି ବିଦେଶକୁ ରପ୍ତାନୀ ହୋଇ ମାଲଦ୍ୱୀପରୁ କଉଡ଼ି, ଶୁଖୁଆ, ଧାତୁ ଆଦି ଆମଦାନୀ ହେଉଥିଲା। ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ନଦୀ ମୁହାଁଣରେ 'ଗଞ୍ଜା ବନ୍ଦର', ରମ୍ଭା ଅନ୍ତର୍ଗତ 'ସୁବଳୟା' ବା 'ସାବିଳୟା' ବନ୍ଦର କାର୍ଯ୍ୟକ୍ଷମ ଥିଲା। ଜଗତସିଂହପୁର ଜିଲ୍ଲାର ମହାନଦୀ ମୁହାଣରେ 'ପାରାଦୀପ' ବନ୍ଦର ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା। ଏବେ ଏହାକୁ ଅତ୍ୟାଧୁନିକ ବନ୍ଦର ରୂପେ ନିର୍ମାଣ କରାଯାଇଛି।

ପ୍ରାୟ ଅଷ୍ଟମ ଶତାବ୍ଦୀ ବେଳକୁ ଜଳପଥରେ ଆରବ ରାଷ୍ଟ୍ରଗୁଡ଼ିକର ଆଧିପତ୍ୟ ବୃଦ୍ଧି ପାଇଲା। କଳିଙ୍ଗର ସାଧବ ପୁଅ ବା ବ୍ୟବସାୟୀଙ୍କ ବୋଇତଗୁଡ଼ିକୁ ଆରବର ବ୍ୟବସାୟୀ-ଜଳଦସ୍ୟୁମାନେ ଲୁଟ୍‌ପାଟ୍ କରିବା ଆରମ୍ଭ କଲେ। ଫଳରେ କ୍ରମଶଃ କଳିଙ୍ଗର ନୌବାଣିଜ୍ୟ କାରବାର ହ୍ରାସ ପାଇବାରେ ଲାଗିଲା। ଏଥିସହିତ କଳିଙ୍ଗର ଏକ ଗୌରବମୟ ପରମ୍ପରାର ଅନ୍ତ ଘଟିସାରିଥିଲା। ଏବେ ଯାହା କେବଳ କଦଳୀ ପାଟୁକା ଓ ସୋଲ ଡଙ୍ଗା ଭସାଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରାଯାଉଛି। ■

(ତଥ୍ୟ ସହାୟତା: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏବଂ ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର)

ମୋ: ୯୩୩୮୦୮୭୯୦୦



# ବୋଇତ ଯାତ୍ରା ଐତିହ୍ୟର ଜୟଯାତ୍ରା





ଡକ୍ଟର ପ୍ରଫୁଲ୍ଲ ସାହୁ

ଓଡ଼ିଶାର ନୌବାଣିଜ୍ୟ ପରଂପରା ଏବେ ଇତିହାସର କାହାଣୀ । କିନ୍ତୁ ଏକଦା ନୌବାଣିଜ୍ୟ ଥିଲା ଓଡ଼ିଶାର ସ୍ୱାଭିମାନ । ଚାଣକ୍ୟ ନୀତି 'ବାଣିଜ୍ୟେ ବସତେ ଲକ୍ଷ୍ମୀ' ନ୍ୟାୟରେ ଦରିଆପାରି ନୌବାଣିଜ୍ୟ ଆଣିଥିଲା ଓଡ଼ିଶାର ସମୃଦ୍ଧି ଓ ଗୌରବ । ବାଣିଜ୍ୟ କହିଲେ ସାଧାରଣତଃ ପଣ୍ୟ ସାମଗ୍ରୀର ଆମଦାନୀ ଓ ରପ୍ତାନୀ ବା ପରିବହନକୁ ବୁଝାଏ, ଯାˆର ବିସ୍ତାର ଉପରେ ନିର୍ଭର କରେ ବାଣିଜ୍ୟର ବିକାଶ । ସାଧାରଣତଃ ସ୍ଥଳ ଭାଗରେ ପରିବହନ ସବୁଠାରୁ ସହଜ ଓ ସୁଲଭ । କିନ୍ତୁ ପୃଥିବୀର ସବୁଦେଶ ସ୍ଥଳପଥ ଦ୍ୱାରା ସଂଯୁକ୍ତ ହୋଇ ନଥିବା କାରଣରୁ ଏବଂ ଆକାଶ ପଥରେ ଦୀର୍ଘକାୟ ପଣ୍ୟ ପରିବହନ କଷ୍ଟକର ଓ ବ୍ୟୟସାପେକ୍ଷ ହୋଇଥିବାରୁ ବହିର୍ବାଣିଜ୍ୟ ପାଇଁ ଜଳପଥ ହିଁ ସର୍ବାଧିକ ନିର୍ଭରଯୋଗ୍ୟ । ମାତ୍ର ଖ୍ରୀଷ୍ଟପୂର୍ବ କାଳରେ ନଥିଲା ଯନ୍ତ୍ରଚାଳିତ ଜାହାଜ କି ଦିଗନିର୍ଣ୍ଣୟ ଯନ୍ତ୍ର । ତେଣୁ ପାଲଟଣା ବୋଇତରେ ପଣ୍ୟ ପରିବହନ ଥିଲା ଅତ୍ୟନ୍ତ କଷ୍ଟସାଧ୍ୟ । ଉପରେ ସୀମାହୀନ ଆକାଶ ଓ ଭାସମାନ ମେଘମାଳା- ତଳେ ମହାସମୁଦ୍ରର ବିସ୍ତାରିତ ଜଳରାଶି । ତରଙ୍ଗ ସଂକୁଳ ଓ ବାତ୍ୟା ବିକ୍ଷୁବ୍ଧ ବିସ୍ତୃତ ସମୁଦ୍ରରେ ମାସ ମାସ ଧରି ଜଳଯାତ୍ରା ଏତେ ବିପଦସଙ୍କୁଳ ଯେ ପ୍ରତି ମୁହୂର୍ତ୍ତରେ ଥିଲା ମୃତ୍ୟୁଦୂତର ଆଲିଙ୍ଗନ ଆଶଙ୍କା । ଏହା ସତ୍ତ୍ୱେ ବି ନିଜର ଅକଳ୍ପନୀୟ ସାହସିକତା ଓ ପାରଦର୍ଶିତା ବଳରେ ସମୁଦ୍ରକୁ ସାମ୍ରାଜ୍ୟରେ ପରିଣତ କରିବାକୁ ସକ୍ଷମ ହୋଇଥିଲା ଓଡ଼ିଆ ଜାତି ।

## କଳିଙ୍ଗା ସାହସିକାଃ

ଭାରତର ଅନ୍ୟ ଅନେକ ରାଜ୍ୟ ବଙ୍ଗୋପସାଗର ଉପକୂଳରେ ଥିଲେ ମଧ୍ୟ କେବଳ କଳିଙ୍ଗର ସାଧବପୁଅ ସମୁଦ୍ରର ସୁବିସ୍ତୃତ ଅଞ୍ଚଳରେ ପ୍ରଭାବ ବିସ୍ତାର କରି ପାରିଥିଲା ଏବଂ ସେହି କାରଣରୁ ସାଗରାଧିପତି ଭାବରେ ପରିଚିତ ଥିଲେ ଶ୍ରୀବିଜୟ ସାମ୍ରାଜ୍ୟର ଓଡ଼ିଆ ବଂଶୋଦ୍ଭବ ଶୈଳେନ୍ଦ୍ର ରାଜନ୍ୟବର୍ଗ । ପ୍ରାଚୀନ ବୌଦ୍ଧଶାସ୍ତ୍ର 'ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳକଳ୍ପ'ରେ ବଙ୍ଗୋପସାଗରକୁ କଳିଙ୍ଗସାଗର ବୋଲି କୁହାଯାଇଛି ଏବଂ 'ରଘୁବଂଶ' କାବ୍ୟରେ କଳିଙ୍ଗର ସାଧବମାନଙ୍କୁ ମହୋଦଧିପତି ଭାବରେ ଅଭିହିତ କରିଛନ୍ତି ମହାକବି କାଳିଦାସ । କବି ବିଶ୍ୱନାଥ କବିରାଜଙ୍କୁ ମଧ୍ୟ ଅଭିଭୂତ କରିଛି ସୁନୌବାହୀ ଓଡ଼ିଆ ଜାତିର ସାହସ ଓ ଦକ୍ଷତା । ତେଣୁ 'ସାହିତ୍ୟ ଦର୍ପଣ'ରେ ସେ ଲେଖିଛନ୍ତି- "କଳିଙ୍ଗା ସାହସିକାଃ ।"

କେବଳ ବଙ୍ଗୋପସାଗର ନୁହେଁ, ଭାରତ ମହାସାଗର ଓ ଆରବ ସାଗରର ମଧ୍ୟ ଭାରତ ପାଇଁ ଥିଲା ବିଶ୍ୱ ସଂପର୍କ ଓ ସମନ୍ୱୟର ଏକ ଏକ ଦ୍ୱାର । ଐତିହାସିକ କାଭାଲମ୍ ମାଧବ ପାନିକର ତାଙ୍କ 'ଇଣ୍ଡିଆ ଆଣ୍ଡ ଇଣ୍ଡିଆନ ଓସେନ' ପୁସ୍ତକରେ ଲେଖିଛନ୍ତି-"ଅନ୍ୟ ଦେଶମାନଙ୍କ ସକାଶେ ଭାରତ ମହାସାଗର କେବଳ ବିସ୍ତୃତ ଜଳରାଶି । କିନ୍ତୁ ଏହା ଭାରତର ଜୀବନରେଖା । ଏହାର ପ୍ରତିଟି ଜଳବିନ୍ଦୁରେ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଦ୍ୟମାନ । ତେଣୁ ସ୍ୱାଭାବିକ ଭାବରେ ଏହାର ନାମ ଭାରତ ମହାସାଗର ।"



## ବିଜ୍ଞାନସମ୍ମତ ସମୟ ନିରୂପଣ

ଭାରତୀୟ ଉପମହାଦେଶରୁ ମୌସୁମୀ ବାୟୁ ଅପସରି ଯିବା ବେଳକୁ କାର୍ତ୍ତିକର କାକରଭିଜା କ୍ଷେତରେ ଲହଡ଼ି ଭାଙ୍ଗେ ଦରପାଚିଲା ଧାନ । ସେତିକିବେଳେ ଦରିଆପାରି ବଣିଜ ପାଇଁ ବୋଇତ ସଜାଏ କଳିଙ୍ଗର ସାଧବପୁଅ । ଲକ୍ଷ୍ମୀପୂଜାଠାରୁ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ବୋଇତରେ ସେ ସଜେଇ ରଖେ ବର୍ଷସାରା ସଂଗୃହୀତ ସୂକ୍ଷ୍ମ ପାଟବସ୍ତ୍ର,ଟସରଲୁଗା, କଂସାବାସନ, ତାରକସି ଜିନିଷ, ପାନ, ଗୁଆ, ନଡ଼ିଆ, ହଳଦୀ, ଗୁଡ଼, ଲୁଣ, ତେଲ, କୁଟୀର ଶିଳ୍ପର କଳାକୃତି ଓ ଧାର୍ମିକ ସଦ୍‌ଭାବନା ବହନ କରୁଥିବା ଭାରତୀୟ କଳା କାରୁକାର୍ଯ୍ୟ ଇତ୍ୟାଦି ଅନେକ ପ୍ରକାର ପଣ୍ୟ ସାମଗ୍ରୀ । କାର୍ତ୍ତିକ ପୂର୍ଣ୍ଣିମାର ମାହେନ୍ଦ୍ର ମୁହୂର୍ତ୍ତରେ ନଦୀ ଓ ସମୁଦ୍ର ତଟରେ ମା' ମଙ୍ଗଳାଙ୍କ ପାଖରେ ପୂଜାର୍ଚ୍ଚନା ପୂର୍ବକ ଶଙ୍ଖ ହୁଳହୁଳି ଓ ମଙ୍ଗଳ ଧ୍ୱନି ମଧ୍ୟରେ ଅନୁକୂଳ କରି ଯାତ୍ରା ଆରମ୍ଭ କରେ ସାଧବପୁଅର ପଣ୍ୟଭରା ବୋଇତ । ଏତିକିବେଳେ ନଦୀଗୁଡ଼ିକ ଜଳପୂର୍ଣ୍ଣ ଥାଏ ଏବଂ ଦକ୍ଷିଣ ପଶ୍ଚିମ ଦିଗରୁ ପ୍ରବାହିତ ହେଉଥାଏ ମୌସୁମୀ ବାୟୁ। ଦକ୍ଷିଣ ପଶ୍ଚିମ ଦିଗରୁ ଆରମ୍ଭ ହୋଇ ଦକ୍ଷିଣ ପୂର୍ବ ଦିଗକୁ ମୁହାଁଇଥାଏ ସାମୁଦ୍ରିକ ସ୍ରୋତ । ଉତ୍ତରା ପବନକୁ ପିଠିକରି ତଳେଇବନ୍ଧା ବୋଇତ ଅତିକ୍ରମ କରିଯାଏ ସାତ ସମୁଦ୍ର ତେର ନଈ । ଆକାଶର ଧ୍ରୁବତାରା, ସପ୍ତର୍ଷିମଣ୍ଡଳ ଓ ଶିଶୁମାର ଆଦି ନକ୍ଷତ୍ର ସହାୟତାରେ ଦିଗ ନିର୍ଣ୍ଣୟ କରି ସାଧବପୁଅ ପହଞ୍ଚିଯାଏ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବର୍ମା ଓ ସିଂହଳ ଆଦି ଦେଶରେ । ବୋଇତରେ ନେଇଥିବା ପଣ୍ୟ ସାମଗ୍ରୀ ବଦଳରେ ସ୍ୱଦେଶକୁ ଆଣେ ସୁନା, ରୁପା, ମଣି, ମାଣିକ୍ୟ, ଅଗୁରୁ, କସ୍ତୁରୀ, କର୍ପୂର, ଚନ୍ଦନ କାଠ, ଲବଙ୍ଗ, ଅଳେଇଚ,ଡାଲଚିନି ଆଦି ମସଲା ଓ ନାନା ଦୁର୍ମୂଲ୍ୟ ପଥର ଇତ୍ୟାଦି । ମାର୍ଗଶିରରୁ ବୈଶାଖ ପର୍ଯ୍ୟନ୍ତ ଯେତେବେଳେ ଉତ୍ତର ପୂର୍ବ ଦିଗରୁ ମୌସୁମୀ ବାୟୁ ଓ ଦକ୍ଷିଣ ପଶ୍ଚିମ ଦିଗକୁ ସାମୁଦ୍ରିକ ସ୍ରୋତ ପ୍ରବାହିତ ହୁଏ, ସେହି ସମୟରେ ଦ୍ୱୀପାନ୍ତର ଦେଶରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରେ ସାଧବପୁଅର ପାଲଟଣା ବୋଇତ ।

## ସାଂସ୍କୃତିକ ଉପନିବେଶ

ନୌବାଣିଜ୍ୟ ଯୋଗୁଁ ଓଡ଼ିଶା ଯେ କେବଳ ଆର୍ଥିକ ସମୃଦ୍ଧି ଲାଭ କରିଥିଲା ତାହା ନୁହେଁ, ବିଦେଶରେ ଆମ ପାଟବସ୍ତ୍ର, ତାରକାସି କାମ ଓ କୁଟୀର ଶିଳ୍ପଜାତ ଦ୍ରବ୍ୟର ଆଦର ବଢ଼ିବା ସହିତ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତ ଲାଭ କରିଥିଲା ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା । ପ୍ରଖ୍ୟାତ ଲେଖକ ମନୋଜ ଦାସ ତାଙ୍କର ଭ୍ରମଣ କାହାଣୀ 'ଇଣ୍ଡୋନେସିଆ ଅନୁଭୂତି'ରେ ଲେଖିଛନ୍ତି "ଯେଉଁଠି ଦୁର୍ଦ୍ଧର୍ଷ ଶିଳାଗୁଳ୍ମ ଉପରେ ଅଦମନୀୟ ଲହରୀ ସବୁ ଭାଙ୍ଗି ପଡୁଛି, ସେଇଠି ଦିନେ ଲଙ୍ଗର ତୋଳୁଥିଲା କଳିଙ୍ଗର ସାହସୀ ନାବିକମାନଙ୍କ ପୋତ । ସେଇ ଦ୍ୱୀପର ମାଟି, ବାଲି, ନଗର, ଜନପଦରେ ବୁଲିବୁଲି ସେ ଖୋଜୁଥିଲେ ପୂର୍ବପୁରୁଷଙ୍କ ସ୍ମୃତି । ଭାରତରେ ଅବଲୁପ୍ତ ହେବାକୁ ବସିଥିବା କିଛି ଶାସ୍ତ୍ରୀୟନୃତ୍ୟ ଓ ସଙ୍ଗୀତ ସମ୍ପର୍କରେ ସେ ସୂଚନା ପାଇଥିଲେ ଯାହା ଅକ୍ଷତ ଅବସ୍ଥାରେ ଥିଲା ଇଣ୍ଡୋନେଆିର ଶିଳ୍ପୀଙ୍କ ସାଧନା ଭିତରେ । କେବଳ ନୃତ୍ୟ ସଙ୍ଗୀତ ନୁହେଁ, ବାଲିଦ୍ୱୀପର ଖାଦ୍ୟପେୟ, ବେଶଭୂଷା, ବସ୍ତ୍ରବୟନ, ପର୍ବପର୍ବାଣି ଓ ହସ୍ତକର୍ମରେ ସେ ଅନୁଭବ କରିଥିଲେ ଉତ୍କଳୀୟ ସଂସ୍କୃତିର ଛାପ । ତାଙ୍କୁ ବିମୁଗ୍ଧ କରିଥିଲା ପାହାଚ ପାହାଚ ହୋଇ ଊର୍ଦ୍ଧ୍ୱକୁ ଗଢ଼ା ବୋରବୁଦୁର ସ୍ଥିତ ବିପୁଳ ଆୟତନ ବିଶିଷ୍ଟ ମନ୍ଦିର । ସେଠାରେ ସମସ୍ତ ପାହାଚରେ ଥିବା ଧ୍ୟାନମଗ୍ନ ବୁଦ୍ଧ-ମୂର୍ତ୍ତିର ସଂଖ୍ୟା ପାଞ୍ଚଶହରୁ ଅଧିକ । ଲେଖକଙ୍କ ଭାଷାରେ "ଶତାବ୍ଦୀ ଶତାବ୍ଦୀ ଧରି ପ୍ରାଚ୍ୟର ଏହି ଇତିହାସ ପ୍ରସିଦ୍ଧ ମନ୍ଦିର ଭାରତୀୟ ଭାସ୍କର୍ଯ୍ୟର ଅମଳିନ ଦୃଷ୍ଟାନ୍ତ ବହନ କରି ଛିଡ଼ା ହୋଇଛି ତା'ର ମୂର୍ତ୍ତି ସବୁର ଗଠନ ପ୍ରଣାଳୀ ଦେଖିଲେ ମନେହୁଏ ଯେଉଁ ଭାସ୍କରମାନେ କୋଣାର୍କ ଗଢ଼ିଛନ୍ତି, ଏମାନେ ତାଙ୍କର ସମଗୋତ୍ରୀୟ । ମାସ ମାସ ଧରି ବୋଇତ ବାହି ଆବିଷ୍କାରର ଦୀପ୍ତି ଓ ସଭ୍ୟତା ବିସ୍ତାରର ତୃଷ୍ଣା ନେଇ ଏ ଦେଶକୁ ଆସିଥିବା କଳିଙ୍ଗର ଶହ ଶହ ଶିଳ୍ପୀର ଆତ୍ମା ଯେପରି ଏହି ମନ୍ଦିର ଭିତରେ କଥା କହୁଛି ।

ଇତିହାସ କହେ ଦରିଆପାରି ନୌବାଣିଜ୍ୟ ଯୋଗୁଁ ଇଣ୍ଡୋନେସିଆ, ବ୍ରହ୍ମଦେଶ ଓ ମାଳୟ ଆଦି ପୂର୍ବାଞ୍ଚଳ ଦ୍ୱୀପପୁଞ୍ଜରେ ପ୍ରତିଷ୍ଠା ହୋଇ ପାରିଥିଲା ଭାରତୀୟ ଉପନିବେଶ । କିନ୍ତୁ, ଇଂରେଜମାନଙ୍କ ପରି ଯୁଦ୍ଧ ବା କୂଟନୀତି ବଳରେ ନୁହେଁ, ବାଣିଜ୍ୟିକ ସାଧୁତା, ବିଶ୍ୱଭ୍ରାତୃତ୍ୱ ଭାବ ବା ସଦ୍‌ଭାବନା ଜରିଆରେ । ଭାରତୀୟ ଧର୍ମ, ସଂସ୍କୃତି, କଳା ଓ ସ୍ଥାପତ୍ୟର ଏହି ବିଶ୍ୱ ବିସ୍ତୃତି ମୂଳରେ ରହିଛି ଓଡ଼ିଆ ସାଧବ ପୁଅର କୃତିତ୍ୱ । ପଣ୍ଡିତ ଜବାହରଲାଲ ନେହେରୁ 'ଡିସ୍କୋଭର ଅଫ୍ ଇଣ୍ଡିଆ' ପୁସ୍ତକରେ ଲେଖିଛନ୍ତି – "ଦ ଆର୍ଲି କଲୋନିଷ୍ଟିସ୍ ଆର୍ ସପୋଜଡ୍ ଟୁ ହାଭ ଗନ୍ ଫ୍ରମ୍ କଳିଙ୍ଗ ଅନ୍ ଦ ଇଷ୍ଟକୋଷ୍ଟ" ।



## ଐତିହାସିକ ଦସ୍ତାବିଜ

ଆମ ବୋଇତ ସଭ୍ୟତା ଅନ୍ତରାଳରେ ଥିଲା କଳିଙ୍ଗର ରାଜା ମହାରାଜାମାନଙ୍କ ପ୍ରୋତ୍ସାହନ, ସୁଦୀର୍ଘ (୪୮୦ କିମି) ଓ ଦନ୍ତୁରିତ ସମୁଦ୍ର ଉପକୂଳ ଏବଂ ସମୁଦ୍ରକୁ ସଂଯୋଗ କରୁଥିବା ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୁଲ୍ୟା ଓ କୁଶଭଦ୍ରା ଆଦି ସୁନାବ୍ୟ ନଦୀ ସମୂହର ଅବଦାନ । ପ୍ରସିଦ୍ଧ ଐତିହାସିକ ପ୍ଲେରିପ୍ଲସଙ୍କ ବର୍ଣ୍ଣନା ଅନୁଯାୟୀ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗ ଉପକୂଳରେ ପ୍ରତିଷ୍ଠା ହୋଇ ସାରିଥିଲା ତାମ୍ରଲିପ୍ତି, କଳିଙ୍ଗନଗର, ତୋଷାଳି ଓ ଦନ୍ତପୁର ଆଦି ଅନେକ ଆନ୍ତର୍ଜାତିକ ବନ୍ଦର । ଗ୍ରୀକ୍ ପର୍ଯ୍ୟବେକ୍ଷକ ଟୋଲମିଙ୍କ ବିବରଣୀରୁ ବି ଜଣାଯାଏ ପ୍ରଥମ ଶତାବ୍ଦୀ ବେଳକୁ ଓଡ଼ିଶାରେ କକର୍ଦ୍ଦମ (କଟକ) କୋଣପର (କୋଣାର୍କ) କେଶମ୍ବ (ଚାନ୍ଦବାଲି) ଓ ଚିଲିକା ଆଦି ସ୍ଥାନରେ ବାଣିଜ୍ୟ କେନ୍ଦ୍ରମାନ ଖୋଲିଥିଲା ଏବଂ ପ୍ରତିଷ୍ଠା ହୋଇ ସାରିଥିଲା ନନିଗେନ (ପୁରୀ) ପକୁରା (ଗଞ୍ଜାମ) ପଲ୍ଲର (ଜଳେଶ୍ୱର) ମନଦ (ମହାନଦୀ) ତିନ୍ଦିସ୍ (ବ୍ରାହ୍ମଣୀ) ଦୋସରମ୍ (ବୈତରଣୀ) ଓ ଆଦମସ୍ (ସୁବର୍ଣ୍ଣରେଖା) ଆଦି ବନ୍ଦର । ଚୀନ୍ ପରିବ୍ରାଜକ ହୁଏନସାଂଙ୍କ ଭ୍ରମଣ ବୃତ୍ତାନ୍ତରେ ରହିଛି କଳିଙ୍ଗର ଚେଲିତାଲୋ ପୋତାଶ୍ରୟ ସଂପର୍କରେ ସୂଚନା ।



## ସ୍ୱଦେଶୀ ଜ୍ଞାନକୌଶଳ

ଜଳ ଉପରେ ଭାସମାନକ୍ଷମ କାଠ ଚିହ୍ନଟ ଓ ତା'ର ସ୍ଥାୟିତ୍ୱକୁ ନେଇ ଦୀର୍ଘ ଅଭିଜ୍ଞତା ରଖିଥିବା କଳିଙ୍ଗର ବର୍ଦ୍ଧକୀକୁ ସେତେବେଳେ ଜଣାଥିଲା ବୋଇତ ନିର୍ମାଣର ସ୍ୱଦେଶୀ ଜ୍ଞାନ କୌଶଳ । ଏକାଧିକ ନୌକାକୁ ଯୋଡ଼ି ସେ ବିଶାଳକାୟ ବୋଇତ ନିର୍ମାଣ କରିପାରୁଥିଲା, ଯେଉଁଥିରେ ଯାତ୍ରା କରିପାରୁଥିଲେ ଶତାଧିକ ଲୋକ ଓ ଶହଶହ ଟନ ପଣ୍ୟ ଦ୍ରବ୍ୟ । ସଂସ୍କୃତ ଭାଷାରେ ରଚିତ 'ଯୁକ୍ତିକଳ୍ପ' ନିୟମାବଳୀ ଅନୁସାରେ ସୁଦୃଶ୍ୟ ଓ ବୃହତକାୟ ବୋଇତମାନ ନିର୍ମାଣ କରାଯାଉଥିଲା ଏବଂ ରାଜା ଭୋଜଙ୍କ ସମୟରେ ବହୁ ସଂଖ୍ୟାକ ବୋଇତ ନିର୍ମାଣ ହୋଇଥିବା କଥା ଉଲ୍ଲେଖ ରହିଛି ମାଦଳା ପାଞ୍ଜିରେ । ଓଡ଼ିଶାର ବିଭିନ୍ନ ନଦୀ କୂଳରେ ବୋଇତ କୁଦ ଓ ଟାପୁମାନ ଗଢ଼ି ଉଠିଥିଲା । ବାଲେଶ୍ୱର, କନିକା ଓ ପିପିଲି ଆଦି ବନ୍ଦର ନିକଟରେ ବର୍ଷ ତମାମ ଚାଲୁଥିଲା ବୋଇତ ନିର୍ମାଣ ଓ ମରାମତି କାର୍ଯ୍ୟ । ଏ ସଂପର୍କରେ ବିସ୍ତୃତ ବିବରଣୀ ରହିଛି ପଣ୍ଡିତ ନୃସିଂହ ରାୟଗୁରୁଙ୍କ 'ଅର୍ଣ୍ଣବ ବିହାର' ଓ କହ୍ନେଇବର ଚମ୍ପତିରାୟ ଚୂଡ଼ାମଣିଙ୍କ ରଚିତ 'ପାଇକ ଖେଦାରେ' । ଆମ ମନ୍ଦିର ସ୍ଥାପତ୍ୟରେ ମଧ୍ୟ ରହିଛି ବିଭିନ୍ନ ପ୍ରକାର ବୋଇତର ଚିତ୍ର । ବୋଇତ ଯାତ୍ରା ଆମ ଐତିହ୍ୟର ଜୟଯାତ୍ରା । ଏହି ଗୌରବମୟ ପରଂପରା ଅବ୍ୟାହତ ଥିଲା ପ୍ରାୟତଃ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ । ନଅଙ୍କ ଦୁର୍ଭିକ୍ଷ ବେଳେ ଚାନ୍ଦବାଲି ଓ ପୁରୀ ବନ୍ଦର ବାଟେ ଚାଉଳ ଆଣି ଅନ୍ନଛତ୍ର ଖୋଲା ଯାଇଥିଲା ରାଜ୍ୟର ବିଭିନ୍ନ ସ୍ଥାନରେ । ପରବର୍ତ୍ତୀ ସମୟରେ ଇଂରେଜ ସରକାରଙ୍କ ସ୍ୱାର୍ଥିତ ବାଣିଜ୍ୟ ଲିପ୍ସା ତଥା ଯନ୍ତ୍ରଚାଳିତ ଜାହାଜ ବା ଷ୍ଟିମର୍ ଚାଲିବା (୧୮୭୧) ପରେ ଆଉ ତିଷ୍ଠି ପାରିଲାନି ପାଣିପାଗ ଉପରେ ନିର୍ଭର କରୁଥିବା ପାଲଟଣା ବୋଇତ । ନୌବାଣିଜ୍ୟ ସୁଯୋଗ ସଂକୁଚିତ ହେବା ଅବଲୁପ୍ତ ହେବାକୁ ସାଧବ ସଂସ୍କୃତି । ଫଳରେ ଦୁର୍ବଳ ହେବାକୁ ଲାଗିଲା ରାଜ୍ୟର ଆର୍ଥିକ ସ୍ଥିତି । ଯେଉଁ ରାଜ୍ୟର ସାଧବପୁଅ ଦିନେ ଦରିଆପାରି ଦ୍ୱୀପରୁ ବୋହି ଆଣୁଥିଲା ,ସେ ରାଜ୍ୟର ଯୁବକ ବିଦେଶ ଗଲା ଦାଦନ ଖଟିବା ପାଇଁ । ଓଡ଼ିଆ ଜାତିର ଏହି ମାନସିକ ଓ ଆର୍ଥିକ ଦାରିଦ୍ର୍ୟ କୁ ନେଇ ଖୁବ୍ ବ୍ୟଥିତ ହୋଇ ପଡ଼ିଛନ୍ତି କବି କୁନ୍ତଳାକୁମାରୀ ସାବତ । ଓଡ଼ିଆ ଯୁବକକୁ ତା'ର ପୂର୍ବ ଗୌରବ ମନେ ପକାଇବା ପାଇଁ ସେ 'ସାଧବପୁଅ' କବିତାରେ ଲେଖିଛନ୍ତି-

"ଛି ଛି ମୁଁ ଓଡ଼ିଆ ସାଧବପୁଅ ହୋଇ ଏଥର
କେବେ ନ ହେବିଟି ମୂଲିଆ ସେବାକାରୀ ଚାକର ।"

ନୌବାଣିଜ୍ୟ ଯୁଗର ଅବସାନ ଘଟିଲା ସତ, କିନ୍ତୁ ତା'ର ସୁବର୍ଣ୍ଣ ସ୍ମୃତିକୁ ଉଜ୍ଜୀବିତ କରି ରଖିବାପାଇଁ ପ୍ରି' ବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ପାଳନ ହୋଇ ଆସୁଛି ବୋଇତ ବନ୍ଦାଣ ଉତ୍ସବ । ସେଦିନ ଶୈବପୀଠ ନିକଟରେ ଥିବା ନଦୀ, ନାଳ, ପୁଷ୍କରିଣୀ ଓ ସମୁଦ୍ରରେ କଦଳୀ ଗଛର ବାହୁଙ୍ଗାରେ ସୋଲ ଓ କାଗଜରେ ନିର୍ମିତ ଡଙ୍ଗା ଭସେଇ ବନ୍ଦାପନା କରନ୍ତି ଓଡ଼ିଆଣୀମାନେ । କଦଳୀ ପଟୁଆ ଡଙ୍ଗାରେ ଲାଗିଥିବା ଖଡ଼ିକାର ଅଗ୍ର ଭାଗରେ ତୁଳା ସହିତ ଘିଅ କର୍ପୂର ଧୂପ ଜଳାଇ ଏବଂ ପାନ ଗୁଆ ସୋରିଷ ଓ ଯଅ ଥୋଇ ଉଚ୍ଚାରଣ କରନ୍ତି ଆ-କା -ମା- ବୈ ମନ୍ତ୍ର । ପାନ ଗୁଆ ତୋର, ମାସକ ଧରମ ମୋର । 'ଆ କା ମା ବୈ' ର ଅର୍ଥ ଖୋଜିବାକୁ ଯାଇ ଗବେଷକମାନେ କହନ୍ତି ଆ- ହେଉଛି ଆନ୍ନାମ (ଭିଏତନାମ), କା- ହେଉଛି-କାମ୍ବୋଡିଆ , ମା- ହେଉଛି ମାଳୟ, ବୈ- ହେଉଛି ବୈବସ୍ୱାନ (ବୋର୍ଣ୍ଣିଓ ଓ ବାଲିଦ୍ୱୀପ) । ଇଂରେଜ ଶାସନ ସମୟରେ ମହାନଦୀ ତୀରେ ତୀରେ ଥିଲା ଅନେକ ବନ୍ଦର ଓ ପୋତାଶ୍ରୟ । ବଙ୍ଗ ବିହାର ଓ ଓଡ଼ିଶା ମିଶି ଯେଉଁ ବିଶାଳ ଭୂଖଣ୍ଡ ଥିଲା, ତା'ର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଥିଲା କଟକର ଯୋବ୍ରା । ଆମଦାନୀ ରପ୍ତାନୀ ପାଇଁ ଏଠାରେ ଲାଗୁଥିଲା ବଡ଼ ବଡ଼ ବୋଇତ । ବିଶେଷ କରି କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ପାଇଁ ଏଠାରେ ପ୍ରବଳ ଜନସମାଗମ ହେଉଥିଲା, ଯାହା ସଂପ୍ରତି ଅନୁଷ୍ଠିତ ହେଉଥିବା ବାଲିଯାତ୍ରାର ପୃଷ୍ଠଭୂମି । ଅତଏବ ଆମ ଐତିହ୍ୟର ଯାତ୍ରା ନୌବାଣିଜ୍ୟ ସହିତ ଓଡ଼ିଆ ଜାତିର ସଂପର୍କ ଯେତିକି ପୁରାତନ, ସେତିକି ଭାବୋଦ୍ଦୀପକ ।



# ଓଡ଼ିଆ ସାହିତ୍ୟରେ ନୌବାଣିଜ୍ୟ



ଡକ୍ଟର ସତ୍ୟଜିତ ଦାସ

ବହୁ ପ୍ରାଚୀନ କାଳରୁ ଓଡ଼ିଶା ନୌବାଣିଜ୍ୟ କ୍ଷେତ୍ରରେ ଅପୂର୍ବ ଦକ୍ଷତା ପ୍ରତିପାଦନ କରିଥିଲା। ଓଡ଼ିଶାର ସାଧବପୁଅ ଜଳପଥରେ ଦକ୍ଷିଣପୂର୍ବ ଏସୀୟ ଦେଶ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ୟୁରୋପ ଆଦି ସ୍ଥାନରେ ନୌବାଣିଜ୍ୟ କାରବାର କରୁଥିଲେ। ଦୁଃସାହସିକ ସାମୁଦ୍ରିକ ଯାତ୍ରାରେ ସୁଦକ୍ଷ ଓଡ଼ିଶାର ଅଧିବାସୀଙ୍କୁ 'କଳିଙ୍ଗାଃ ଦୁଃସାହସିକାଃ' ବୋଲି କୁହାଯାଉଥିଲା। ବର୍ତ୍ତମାନର ବଙ୍ଗୋପସାଗର, ପୂର୍ବେ କଳିଙ୍ଗୋଧି ବା କଳିଙ୍ଗସାଗର ନାମରେ ପରିଚିତ ଥିଲା। ମଗଧକୁ ଏକ ସାମୁଦ୍ରିକି ଶକ୍ତିରେ ପରିଣତ କରିବା ପାଇଁ ସମ୍ରାଟ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ। ମହାମେଘବାହନ ସମ୍ରାଟ ଖାରବେଳଙ୍କର ଏକ ଶକ୍ତିଶାଳୀ ନୌବହର ରହିଥିଲା। ଐତିହାସିକ ବିବରଣୀରୁ ଜଣାଯାଏ, ଖ୍ରୀ.ପୂ.ଅଷ୍ଟମ ଶତାବ୍ଦୀରୁ ଓଡ଼ିଶାରେ ନୌବାଣିଜ୍ୟର ବିକାଶ ଘଟିଥିଲା। ପ୍ରଥମ ଶତାବ୍ଦୀ ବେଳକୁ ରୋମ୍, ୟୁରୋପ ଓ ଆଫ୍ରିକା ପ୍ରଭୃତି ଦେଶ ସହିତ ଓଡ଼ିଶାର ବାଣିଜ୍ୟିକ ସମ୍ପର୍କ ରହିଥିଲା ବୋଲି ଐତିହାସିକ ଗିବନଙ୍କ 'ପେରିପ୍ଲସ୍ ଅଫ୍ ଏରିଥ୍ରିନଥସି'ରେ ଉଲ୍ଲେଖ ରହିଛି। ଏହି ଗ୍ରନ୍ଥରେ ସେ ଓଡ଼ିଶାର ସୂକ୍ଷ୍ମବସ୍ତ୍ର, ହୀରା, ମୁକ୍ତା ଆଦିର ଚାହିଦା ରୋମ୍, ପାର୍ସୀ, ଇଜିପ୍ଟ ଏବଂ ଗ୍ରୀକ୍ ବଜାରରେ ରହିଥିଲା ବୋଲି ଲେଖିଛନ୍ତି। କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ 'କଳିଙ୍ଗା କାର୍ପାସିଙ୍କ ଶ୍ରେଷ୍ଠ ମିତେ' ଏବଂ 'କଳିଙ୍ଗା ଗଜ ଶ୍ରେଷ୍ଠାଃ' ବୋଲି ବର୍ଣ୍ଣନା କରିଛନ୍ତି। ହାତୀକୁ ନେବା ପାଇଁ ହାତୀ ବୋଇତ ନିର୍ମାଣ କରାଯାଉଥିଲା ବୋଲି ମେଘାସ୍ଥିନିସ୍‌ଙ୍କ 'ଇଣ୍ଡିକା' ଗ୍ରନ୍ଥରେ ଲେଖିଛନ୍ତି। ଓଡ଼ିଆ ସାଧବପୁଅ ବ୍ରହ୍ମଦେଶ, ବର୍ମା, ମିଆଁମାର, ଥାଇଲାଣ୍ଡ, କାମ୍ବୋଡିଆ, ଭିଏତ୍‌ନାମ, ଶ୍ରୀଲଙ୍କା, ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ଇଣ୍ଡୋନେସିଆ ଓ ମାଲେସିଆ ପ୍ରଭୃତି ଦେଶ ସହିତ ନୌବାଣିଜ୍ୟ କରୁଥିଲେ।

ନୌବାଣିଜ୍ୟ ସଂପର୍କରେ ରାମାୟଣ, ମହାଭାରତ, ରଘୁବଂଶ କାବ୍ୟ, ବ୍ରହ୍ମାଣ୍ଡ ପୁରାଣ, ବାୟୁ ପୁରାଣ, ମତ୍ସ୍ୟ ପୁରାଣ, ସ୍କନ୍ଦ ପୁରାଣ, ଗରୁଡ଼ ପୁରାଣ, ଅଗ୍ନି ପୁରାଣ ଓ ମାର୍କେଣ୍ଡେୟ ପୁରାଣ ପ୍ରଭୃତି ଗ୍ରନ୍ଥ, ବୌଦ୍ଧ ଗ୍ରନ୍ଥ, ଲୋକସାହିତ୍ୟ, ପରିବ୍ରାଜକ ଟଲେମୀ, ଫାହିୟାନ, ହୁଏନ୍‌ସାଂ ଏବଂ କୌଟିଲ୍ୟଙ୍କ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି।

ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଆଦି ସମ୍ପୂର୍ଣ୍ଣ ବିଲୁପ୍ତ। ତଥାପି ଏହି ଗୌରବାବହ ଅତୀତର ସ୍ମୃତି ବହନ କରିଅଛି ଅନେକ ସାହିତ୍ୟ କୃତି। ଓଡ଼ିଆ ଲୋକକଥାରେ ସାଧବ ପୁଅ ଏକ ମୁଖ୍ୟ ଚରିତ୍ର। 'ବୋଲେ ହୁଁଟି' ଗଳ୍ପରେ ଏକ ଅସହାୟ ସାଧବାଣୀର ଚରିତ୍ର ବର୍ଣ୍ଣିତ। ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଦ୍ୱାରା ସଂକଳିତ ଲୋକଗଳ୍ପ ସଞ୍ଚୟନରେ 'ତଅପୋଇ କଥା', 'ଯେହୁ ଚିନ୍ତଇ ପରମନ୍ଦ', 'ସାଧବ ସାନପୁଅ', 'ସାଧବ ଝିଅ', 'କୁହୁକ କରାଟ', 'ଚାରି ମହାଜନ ପୁଅ', 'କୁହୁକ ମଣ୍ଡଳ ଚଢ଼େଇ' ପ୍ରଭୃତି ଅନ୍ୟତମ। ଓଷାବ୍ରତ ଓ ପର୍ବପର୍ବାଣି ଯଥା:- ତଅପୋଇ, ନିଶାମଙ୍ଗଳବାର, ସୁଦଶାବ୍ରତ, କାଞ୍ଜିଅଁଳା, ଖୁଦୁରୁକୁଣୀ ଓଷା, କରମା ପର୍ବ, ବୋଇତ ବନ୍ଦାଣ ପର୍ବର ପୃଷ୍ଠଭୂମିରେ ଅତୀତ ନୌବାଣିଜ୍ୟ ପରମ୍ପରାର ଅନ୍ତଃସ୍ୱର ରହିଛି। କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ଭସାଇ 'ଆ-କା-ମା-ବଇ ଗୁଆ ପାନ ଦେଇ, ଗୁଆ ପାନ ଯାକ ତୋର, ଧର୍ମ ଯାକ ମୋର' ବୋଲି ଗାଇଥାନ୍ତି। ଏଠାରେ ଆ-କା-ମା-ବଇରୁ ଚାରୋଟି ଦେଶ ସହିତ ଓଡ଼ିଆଙ୍କ ବାଣିଜ୍ୟିକ ସମ୍ପର୍କ ବିଷୟରେ ସୂଚନା ମିଳିଥାଏ। ଆ (ଭିଏତନାମ), କା (କାମ୍ବୋଡିଆ), ମା (ମାଲୟ), ବଇ (ବାଲିଦ୍ୱୀପ) ଏହି ସବୁ ଦେଶ ସହିତ ଓଡ଼ିଶା ବଣିକଙ୍କ ଉତ୍ତମ ବାଣିଜ୍ୟିକ ସମ୍ପର୍କ ରହିଥିଲା। ବୋଇତ ବନ୍ଦାଣ ପର୍ବ ସହିତ ଥାଇଲାଣ୍ଡର ଲାଇ କ୍ରାଥଙ୍ଗ୍, ବାଲିରେ 'ମାସକାପନ କେ ତୁକ୍ୱଡ଼', କାମ୍ବୋଡ଼ିଆର 'ବୋନ୍ ଓ ମତ୍‌କା' ଏବଂ ଲାଓସ୍‌ରେ 'ଥାଟଲଆଙ୍ଗ' ପ୍ରଭୃତି ପର୍ବ ପାଳନ କରାଯାଏ। ବୋଇତ ବନ୍ଦାଣ ପର୍ବର ପ୍ରାଚୀନତା ପଞ୍ଚଦଶ ଶତାବ୍ଦୀର କବି ସାରଳା ଦାସଙ୍କ ମହାଭାରତରେ ଦେଖିବାକୁ ମିଳିଥାଏ।

"କାର୍ତ୍ତିକ ମାସ ଶୁକ୍ଳପକ୍ଷ ବୁଧବାର ଯେ ପୂର୍ଣ୍ଣମୀ
ଆ-କା-ମା-ବଇ ସ୍ନାହାନ ଦିନ ଗଙ୍ଗାକୁ ଗଲେ କୁନ୍ତଭୋଜ ସ୍ୱାମୀ।"

ସେହିପରି ଅନେକ ଓଡ଼ିଆ ଲୋକଗୀତରେ ସାଧବପୁଅ ବିଦେଶଗମନର କଥା ସୂଚିତ ହୋଇଛି।

*"ଯାଆରେ ବୋଇତ ବହିଲା ବାଆ/ ମାଆ ମଙ୍ଗଳାଇ ସୁନ୍ଦର ସାହା
ବୋଇତାଳ ପୁଅ ସୁକାନ ଟାଣି/ ମଝି ଦରିଆରେ ପଶିଲା ପାଣି
ଅଇଲା ବୋଇତ ମକର ଖାଇ/ ଜାଗର ଜାଳିବି ନବଙ୍ଗ ଖାଇ"*

ଦୋଳିଗୀତରେ –

*"ଦୋଳିରୁ ଛିଡ଼ିଲା ଲଇ, ବୋଇତରେ ଗଲେ ସପତ ଭାଇ
ବଣେ କାନ୍ଦେ ତଅପୋଇ।"*

ନୌବାଣିଜ୍ୟ ବିଷୟରେ ଓଡ଼ିଆ ପ୍ରବାଦ ପ୍ରବଚନ ଓ ଢଗଢମାଳିରେ ଅନେକ ତଥ୍ୟ ଉଲ୍ଲେଖ ରହିଛି। ଦାରୁଣ ଦୁଃଖ ସମୟରେ ତୁଣ୍ଡରୁ ବାହାରିଯାଏ - 'ଭେଳା ବୁଡ଼ିଲା', 'ଜାହାଜ ଫାଟିଲା'। ସୁଖ ସମୃଦ୍ଧି ବେଳେ କୁହାଯାଏ, 'ଜାହାଜ ଲାଗିଛି', ସେହିପରି 'ଚଇତି ଘୋଡ଼ା ନାଟକ' 'ଅଭିନ୍ନ ମଦନ ପାଲା', 'କାଠୁରିଆ ପାଲା', 'ସଦାନନ୍ଦ ସୌଦାଗର ପାଲା', କବି କର୍ଣ୍ଣଙ୍କ 'ଅଭିନନ୍ଦନ ପାଲା' ଆଦିରେ ନୌବାଣିଜ୍ୟର ଚିତ୍ର ପ୍ରସଙ୍ଗୋଚିତ ଭାବେ ଉତ୍‌ଥାପିତ କରାଯାଇଛି।

ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ଏବଂ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭୋଗମଣ୍ଡପ ପାଇଁ ବୃହତ୍ ପ୍ରସ୍ତରଖଣ୍ଡ ବୋଇତ ଦ୍ୱାରା ଆସିଥିବା ବିଷୟ 'ମାଦଳାପାଞ୍ଜି'ରେ ଉଲ୍ଲେଖ ରହିଅଛି। ପୁରୁଷୋତ୍ତମ ଦେବଙ୍କ 'କାଞ୍ଚିକାବେରୀ', ସିଦ୍ଧକବି ଅଚ୍ୟୁତାନନ୍ଦ ଦାସଙ୍କ 'କୈବର୍ତ୍ତଗୀତା'ର ପଞ୍ଚମ ଅଧ୍ୟାୟ, 'ଶୂନ୍ୟ ସଂହିତା', ନୃସିଂହ ରାଜପୁତଙ୍କ 'ଅର୍ଣ୍ଣବ ବିହାର' ଓ କହ୍ନେଇ ଚମ୍ପତିଙ୍କ 'ପାଇକ ଖେଦା'ରେ ଜଳଯାତ୍ରା ଓ ଜାହାଜ ନିର୍ମାଣ କଥା ଲେଖାଯାଇଛି। 'ପ୍ରାଚୀ ମାହାତ୍ମ୍ୟ'ରେ ପ୍ରାଚୀ ଓ ଚିତ୍ରୋତ୍ପଳା ନଦୀ ଉତ୍କଳର ନୌବାଣିଜ୍ୟର ଦ୍ୱାର ଥିଲା।

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଦୀନକୃଷ୍ଣ ଦାସଙ୍କ 'ପ୍ରସ୍ତାବ ସିନ୍ଧୁ', ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ' ପ୍ରଭୃତି କାବ୍ୟରେ ନୌବାଣିଜ୍ୟର ବର୍ଣ୍ଣନା ରହିଅଛି।

୧୮୮୫ ମସିହାରେ ଗୋବିନ୍ଦ ରଥଙ୍କ 'କଟକ ଦର୍ଶନ' ପୁସ୍ତକରେ କଟକ କାର୍ତ୍ତିକ ପୂର୍ଣ୍ଣମୀ ମେଳା ସମ୍ପର୍କରେ ଲେଖିଛନ୍ତି। ଗୋପବନ୍ଧୁ ଦାସ ଅତୀତ ନୌବାଣିଜ୍ୟରେ ସମୃଦ୍ଧ ଓଡ଼ିଆ ଜାତିର ସ୍ମୃତିଚାରଣ କରିଛନ୍ତି।


*"କାହିଁଗଲା ପୂର୍ବ ଓଡ଼ିଆ ବୋଇତ?
କାହିଁ ସେ ନାବିକ ଉଦ୍ଦାମ ସଙ୍ଗୀତ?
ଜଳପଥେ କାହିଁ ବିଦେଶଗମନ?
କାହିଁ ପୂର୍ବ ଖ୍ୟାତି କାହିଁ ପୂର୍ବ ଧନ
କଥାରେ ରହିଛି ସବୁ ଆଜି ଯାଏ
ସାଧବାଣୀ ବୋହୂ ବୋଇତ ବନ୍ଦାଏ।"*

ପଣ୍ଡିତ ନୀଳକଣ୍ଠ ଦାସ 'ରାମଚଣ୍ଡୀରେ ରାତି' ଏବଂ 'କୋଣାର୍କ' କାବ୍ୟରେ ଅତୀତ ଗୌରବକୁ ସ୍ମରଣ କରିଛନ୍ତି। ମାୟାଧର ମାନସିଂହ 'ସାଧବଝିଅ' କାବ୍ୟରେ 'ତଅପୋଇ ବିଳାପ' ଓ 'ବୋଇତ ବନ୍ଦାଣ' କବିତାରେ ଅତୀତ ଓଡ଼ିଶାର ବିସ୍ମୃତ ବାଣିଜ୍ୟ ଚିତ୍ର ସ୍ଥାନ ପାଇଛି।

ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଉପନ୍ୟାସ 'ବାଲିରାଜା', ଫକୀରମୋହନ ସେନାପତିଙ୍କ କ୍ଷୁଦ୍ରଗଳ୍ପ 'କମଳାପ୍ରସାଦ ଗୋରାପ' ଓ 'କାଳିକା ପ୍ରସାଦ ଗୋରାପ' ଗଳ୍ପ ଦୁଇଟିରେ ଓଡ଼ିଶା ନୌବାଣିଜ୍ୟ ଚିତ୍ର ପ୍ରଦର୍ଶିତ। 'ପୁନର୍ମୂଷିକୋଦ୍ଭବ' ଗଳ୍ପରେ ଲବଣ ଶିଳ୍ପର ଅଧଃପତନ ସମ୍ପର୍କରେ ଲେଖାଯାଇଛି। କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ସାଗରିକା' ଗଳ୍ପରେ ସାଧବ ପୁଅର ବାଣିଜ୍ୟ କାରବାର ଓ ଜଳଯାତ୍ରା ସମ୍ପର୍କରେ ସୂଚନା ମିଳିଥାଏ। ଐତିହାସିକ ଟଲେମୀ ତଥ୍ୟାନୁସାରେ ଦେଢ଼ହଜାର ବର୍ଷକାଳ କଳିଙ୍ଗ ନୌବାଣିଜ୍ୟରେ ବିଶ୍ୱବିଦିତ ଥିଲା (ଖ୍ରୀ.ପୂ୬୦୦ ଠାରୁ ଖ୍ରୀ. ୯୦୦ ପର୍ଯ୍ୟନ୍ତ) ଜାହାଜ ନିର୍ମାଣ କ୍ଷେତ୍ରରେ ଓଡ଼ିଆ ପୁଅ ସୁଦକ୍ଷ ଥିଲେ। କହ୍ନେଇ ଚମ୍ପତିଙ୍କ 'ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ଅର୍ଣ୍ଣବପୋତ ନିର୍ମାଣ', ବିରୁପାକ୍ଷ କରଙ୍କ 'ଉତ୍କଳରେ ନୌବାଣିଜ୍ୟ', ପରମାନନ୍ଦ ଆଚାର୍ଯ୍ୟଙ୍କ 'ଓଡ଼ିଶାର ପ୍ରାମାଣିକ ନୌ-ଶାସ୍ତ୍ର' ଓ 'ଅର୍ଣ୍ଣବ ବିହାର', ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ଏବଂ ନବୀନ କୁମାରଙ୍କ 'ଯୁଗେ ଯୁଗେ ଭାରତୀୟ ନୌଜୀବନ' ପ୍ରଭୃତି ସମାଲୋଚନା ପୁସ୍ତକରେ ନୌବାଣିଜ୍ୟ ପରମ୍ପରା ବିଷୟରେ ତଥ୍ୟ ମିଳିଥାଏ।

ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ପାଶ୍ଚାତ୍ୟ ବଣିକମାନଙ୍କର ଆଗମନ ଏବଂ ଜଳଦସ୍ୟୁର ପ୍ରଭାବ ହେତୁ ଓଡ଼ିଆ ସାଧବ ପୁଅ ନୌବାଣିଜ୍ୟ ପ୍ରତି ନିରୁତ୍ସାହିତ ହୋଇପଡ଼ିଲେ। ଐତିହାସିକମାନଙ୍କ ମତରେ ବିଶ୍ୱର ପ୍ରଥମ ଉପନିବେଶକାରୀ ଜାତି ଭାବେ ଓଡ଼ିଆ ଜାତିକୁ ମିଳିଛି। ଯୁଗେ ଯୁଗେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ସାମାଜିକ, ସାଂସ୍କୃତିକ ତଥା ଧାର୍ମିକ ଜୀବନକୁ ଋଦ୍ଧିମନ୍ତ କରିଛି। ■

ବେଗୁନିଆ ମହାବିଦ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା
ମୋ: ୯୪୩୯୦୪୦୯୮୨








## ପ୍ରାଚୀନ ନୌବାଣିଜ୍ୟର ଗାଥା ବଖାଣେ

# ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ





**ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତ୍ୟନ୍ତ ସମୃଦ୍ଧଶାଳୀ । ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ନୌବାଣିଜ୍ୟର ସଂପର୍କ ଅତ୍ୟନ୍ତ ନିବିଡ଼ । ସାଧବପୁଅର ବାଣିଜ୍ୟ ପାଇଁ ଦରିଆପାରି ଯାତ୍ରା ଥିଲା ବେଶ୍ ରୋମାଞ୍ଚକର । ସାମୁଦ୍ରିକ ଯାତ୍ରାରେ ଯାଇ ବାଣିଜ୍ୟ କରି ପୁଣି କଳିଙ୍ଗ ସାଧବପୁଅ ଯେଭଳି ଫେରି ଆସୁଥିଲା, ତାହା ସାଧାରଣ ଘଟଣା ନଥିଲା । ବର୍ତ୍ତମାନ ନାହିଁ ନୌବାଣିଜ୍ୟର ସେଇ ପରମ୍ପରା କି ନାହିଁ ପ୍ରାଚୀନ ବନ୍ଦର ଓ ନଦୀ । କେବଳ ବଞ୍ଚି ରହିଛି ସେଇ ସ୍ମୃତି । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ସ୍ମୃତିକୁ ଉଜ୍ଜୀବିତ କରି ରଖିଛି କଟକର ପ୍ରସିଦ୍ଧ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ । ସେହିପରି କଳିଙ୍ଗ ଅଧିବାସୀଙ୍କ ଐତିହାସିକ ନୌବାଣିଜ୍ୟର ସ୍ମୃତିକୁ ବଞ୍ଚାଇ ରଖିଛି କଟକ ସ୍ଥିତ 'ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ' । ଏହି ସଂଗ୍ରହାଳୟରେ ଥରେ ବୁଲି ଆସିଲେ ମନେ ପଡ଼ିଯାଏ ଗୌରବାବହ ଉତ୍କଳୀୟ ପରମ୍ପରା ଓ ସଂସ୍କୃତି କଥା ।**





## ନୌବାଣିଜ୍ୟ ସଂଗ୍ରହାଳୟ ପ୍ରତିଷ୍ଠା

କଟକ ସ୍ଥିତ ଯୋବ୍ରା ନିକଟ ମହାନଦୀର ଡାହାଣ ପାର୍ଶ୍ୱରେ ସ୍ଥାପିତ ହୋଇଛି ଐତିହାସିକ 'ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ' । ୧୮୬୯ ମସିହାରେ ବ୍ରିଟିଶ୍ ଶାସକ ଯୋବ୍ରାରେ ଏକ ମରାମତି କରଖାନା ସ୍ଥାପିତ କରିଥିଲେ । ଏଠାରେ ବିଶେଷ କରି ନୌକା, ଜଳଯାନ ଯନ୍ତ୍ରପାତି, କେନାଲ ଖନନ ତିଆରିରେ ବ୍ୟବହୃତ ଯନ୍ତ୍ରପାତି ତିଆରି ଓ ମରାମତି ହେଉଥିଲା । ଧୀରେ ଧୀରେ ଏହା ଅବହେଳିତ ହୋଇପଡ଼ିଲା । ପରବର୍ତ୍ତୀ ସମୟରେ ଇନ୍‌ଟାକ୍ ଓଡ଼ିଶା ପକ୍ଷରୁ ଏହାର ପୁନରୁଦ୍ଧାର କରାଯାଇ 'ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ' ପ୍ରତିଷ୍ଠା କରାଗଲା । ଓଡ଼ିଶା ସରକାରଙ୍କ ଜଳସଂପଦ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ପୁନର୍ଜୀବିତ କରିବାରେ ଆଗ୍ରହ ପ୍ରକାଶ କରିଥିଲେ । ସାମୁଦ୍ରିକ ଇତିହାସର ଗାଥାକୁ ଉଜ୍ଜୀବିତ କରି ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ୫.୬୫ ଏକର ଜମିରେ ଗଢ଼ି ଉଠିଛି ଏହି ନୌବାଣିଜ୍ୟ ସଂଗ୍ରହାଳୟ । ତା: ୧୮-୦୫-୨୦୦୭ ମସିହାରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇଥିଲା ଓ ତା: ୧-୪-୨୦୧୩ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଜାତି ଉଦ୍ଦେଶ୍ୟରେ ଏହା ସମର୍ପିତ ହେବା ପରେ ପର୍ଯ୍ୟଟକ ଓ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।






## ୧୪ଟି ଆକର୍ଷଣୀୟ ଗ୍ୟାଲେରୀ

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ରହିଛି ୧୪ଟି ଆକର୍ଷଣୀୟ ଗ୍ୟାଲେରୀ । ପ୍ରତିଟି ଗ୍ୟାଲେରୀରେ ରହିଛି ଉତ୍କଳୀୟ ନୌବାଣିଜ୍ୟର ସ୍ମୃତି । ନୌବାଣିଜ୍ୟର ପରିଚୟ, ଇତିହାସ, ଡଙ୍ଗା, ଯୋବ୍ରା କର୍ମଶାଳା, ଆକ୍ୱାରିୟମ୍ ଜେଟି, ଅସ୍ଥାୟୀ ପ୍ରଦର୍ଶନୀ ଗ୍ୟାଲେରୀ, ମରିର୍ ମେଜ୍, ଇଣ୍ଡୋନେସିଆ ଗ୍ୟାଲେରୀ ଆଦି ସର୍ବଦା ଦର୍ଶକଙ୍କୁ ନୌବାଣିଜ୍ୟ ପ୍ରତି ଆକର୍ଷିତ କରି ଆସିଛି । ପ୍ରତିଟି ଗ୍ୟାଲେରୀରେ ସଜ୍ଜିତ ହୋଇଛି ନୌବାଣିଜ୍ୟ ସଂପର୍କିତ ତଥ୍ୟ । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟରେ ବ୍ୟବହୃତ ଡଙ୍ଗା, ବିଭିନ୍ନ ସାମଗ୍ରୀ, ମୁଦ୍ରା, ଫଟୋଚିତ୍ର, ପୁରୁଣା ମେସିନ୍ ଆଦି ଶୋଭା ପାଉଛି । ଡଙ୍ଗା ନିର୍ମାଣ, ପୂଜାବିଧି, ନୀତିନିୟମ ଆଦି ସଂପର୍କରେ ମଧ୍ୟ ଏହି ସଂଗ୍ରହାଳୟରୁ ଜାଣିବାକୁ ପାଇବେ । ଖୁଦୁରୁକୁଣୀ ଓଷା, କାର୍ତ୍ତିକ ପୂର୍ଣ୍ଣିମା ଆଦି ପ୍ରତୀକାତ୍ମକ ଭାବେ ପ୍ରଦର୍ଶିତ କରାଯାଇଛି । ତା: ୨୧-୪-୨୦୧୭ ମସିହାରେ ମୁଖ୍ୟମନ୍ତ୍ରୀ ଏକ ଫୋର୍-ଡି ଏସ୍‌ଏଫ୍‌ଏକ୍ସ ଥିଏଟର୍ ମଧ୍ୟ ଉଦ୍‌ଘାଟନ କରିଥିଲେ । ଦେଶବିଦେଶର ବହୁ ବିଶିଷ୍ଟ ବ୍ୟକ୍ତି, ଉଚ୍ଚ ପଦାଧିକାରୀ ଏହି ସଂଗ୍ରହାଳୟ ପରିଦର୍ଶନ କରି ଏହାର ଭୂୟସୀ ପ୍ରଶଂସା କରିଛନ୍ତି ।



## ଇଣ୍ଡୋନେସିଆ ଗ୍ୟାଲେରୀ

ଓଡ଼ିଶା ରାଜ୍ୟ ନୌବାଣିଜ୍ୟର ସଂଗ୍ରହାଳୟର ଅନ୍ୟତମ ଆକର୍ଷଣ ହେଉଛି ଇଣ୍ଡୋନେସିଆ ଗ୍ୟାଲେରୀ । ଭାରତ ଓ ଇଣ୍ଡୋନେସିଆର ସଂପର୍କ ଅତ୍ୟନ୍ତ ଘନିଷ୍ଠ । ଏହାକୁ ପ୍ରାମଣିତ କରୁଛି ନୌବାଣିଜ୍ୟ ସଂଗ୍ରହାଳୟରେ ଥିବା ଇଣ୍ଡୋନେସିଆ ଗ୍ୟାଲେରୀ । ଭାରତ ଓ ଇଣ୍ଡୋନେସିଆର ଘନିଷ୍ଠ ସଂପର୍କ ଅତି ସୁନ୍ଦର ଓ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶିତ ହୋଇଛି ଏହି ଗ୍ୟାଲେରୀରେ । ସେହିପରି ଆକ୍ୱାରିୟମ୍‌ରେ ଅନେକ ପ୍ରକାର ବିରଳ ପ୍ରଜାତିର ସାମୁଦ୍ରିକ ମାଛ ରହିଛନ୍ତି । ପର୍ଯ୍ୟଟକଙ୍କ ମନ ମୋହୁଛନ୍ତି ଏହି ସବୁ ବିରଳ ପ୍ରଜାତିର ସାମୁଦ୍ରିକ ମାଛ । ସେପଟେ ନୌକା ନିର୍ମାଣ କରିବା ଦୃଶ୍ୟ ବେଶ୍ ମନୋରମ ଲାଗୁଛି । ନୌବାଣିଜ୍ୟ ସଂପର୍କରେ ଆଗ୍ରହ ରଖୁଥିବା ଗବେଷକ, ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି 'ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ' । ଦୂରଦୂରାନ୍ତରୁ ମଧ୍ୟ ପର୍ଯ୍ୟଟକମାନେ ଆସି ଏହି ସଂଗ୍ରହାଳୟ ବୁଲିଦେଖି ମଜା ନେଉଛନ୍ତି ।






## କଣ୍ଟାବାଞ୍ଜିରେ ‘ଶଙ୍ଖ’ ବ୍ୟୂହ

ଅଢ଼େଇ ଦଶନ୍ଧି ତଳେ ଶଙ୍ଖପତି ନବୀନ ରାଜନୀତିରେ ପ୍ରବେଶ କରିବା ବେଳକୁ ଓଡ଼ିଶା ରାଜନୀତିରେ ସକ୍ରିୟ ଥିଲେ ଅନେକ ପ୍ରବୀଣ ଖେଳାଳି। ରାଜନୀତି ସତରଞ୍ଜରେ ରାଜା, ରାଣୀ, ମନ୍ତ୍ରୀ, ହାତୀ, ଘୋଡ଼ା ବୋଲାଉଥିବା ସେହି ଧୂରନ୍ଧରଙ୍କ ମଧ୍ୟରୁ ଅନେକ ନବାଗତ ନବୀନଙ୍କୁ ନିଜ ଅଙ୍ଗୁଳି ଅଗରେ ନଚାଇ ପାରିବେ ବୋଲି ସେତେବେଳେ କରିଥିବା ଦମ୍ଭୋକ୍ତି ରାଜନୀତିରେ ରୁଚି ରଖୁଥିବା ଲୋକମାନେ ଏବେ ବି ପାଶୋରି ନ ଥିବେ। ମାତ୍ର ଆଜି ଓଡ଼ିଶା ରାଜନୀତିର ସତରଞ୍ଜରେ ସେହି ତଥାକଥିତ ଧୂରନ୍ଧରମାନେ ଏବେ କେଉଁଠି ଓ କାହା ଅଙ୍ଗୁଳି ଅଗରେ ନାଚୁଛନ୍ତି ତାହା ରାଜ୍ୟବାସୀଙ୍କୁ ଅଜଣା ନାହିଁ। ନିଜ ପରିବାର ସଦସ୍ୟ ରୂପେ ରାଜ୍ୟର କୋଟିକୋଟି ଲୋକଙ୍କ ସୁରକ୍ଷା ଓ କଲ୍ୟାଣ ନିମନ୍ତେ ନବୀନ ଟାଣିଥିବା ଲକ୍ଷ୍ମଣରେଖାକୁ ଅତିକ୍ରମ କରିବାକୁ ତଥାକଥିତ ପ୍ରବୀଣମାନେ ସକ୍ଷମ ହୋଇ ନାହାନ୍ତି। ଅନ୍ୟପକ୍ଷରେ ନବୀନଙ୍କ ଶଙ୍ଖ ବ୍ୟୂହକୁ ଭେଦ କରିବା ସମାସ୍କନ୍ଦ ରଥୀ ମଧ୍ୟ ପ୍ରତିପକ୍ଷ ରାଜନୈତିକ ଦଳଗୁଡ଼ିକ ଗଢ଼ିବାକୁ ସକ୍ଷମ ହୋଇ ନାହାନ୍ତି। ଅତୀତର ସବୁ ନିର୍ବାଚନ ମହାସମରରେ ନବୀନ ଖାଲି ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇ ନାହାନ୍ତି, ପ୍ରତି ନିର୍ବାଚନରେ ନିଜ ଅପରାଜେୟର ନିଜ ରେକର୍ଡ଼କୁ ନିଜେ ଭାଙ୍ଗି ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି। ଆଉ ଏବେ କଣ୍ଟାବାଞ୍ଜିରେ ନବୀନଙ୍କ ‘ଶଙ୍ଖ’ ବ୍ୟୂହ ଅନେକ ଟାଣୁଆ ନେତାଙ୍କ ସ୍ୱପ୍ନକୁ ଚୁରମାର କରି ଦେଇଛି। ଓଡ଼ିଶାରେ ‘ନଅ’ରୁ ‘ନବେ’ ଦଖଲ କରିବାର ସ୍ୱପ୍ନ ଦେଖୁଥିବା ମାଷ୍ଟରକ୍ୟାଣ୍ଟିନ ମଠ ନେତା, ଡ଼ବଲ ଇଞ୍ଜିନ ବାହାସ୍ଫୋଟ ମାରୁଥିବା ରାମମନ୍ଦିର ଆଖଡ଼ାର କୁହାଳିଆଙ୍କୁ ଜୋରଦାର ଝଟ୍‌କା ଦେଇଛନ୍ତି ଶଙ୍ଖପତି ନବୀନ। ■



## ଷଡ଼ଙ୍ଗୀ ନନାଙ୍କ ଅବସୋସ

ପଦ୍ମ ଦଳରେ ଦୁର୍ବାସା ଓ ନିନ୍ଦୁକଙ୍କ ଭାଷାରେ ଆତ୍ମଘୋଷିତ ସନ୍ୟାସୀ ରୂପେ ପରିଚିତ ବାଲେଶ୍ୱରିଆ ନେତା ପ୍ରତାପ ଷଡ଼ଙ୍ଗୀଙ୍କୁ ଚିହ୍ନି ନ ଥିବା ଲୋକ ଓଡ଼ିଶାରେ ବହୁତ କମ୍। ଗଲା ଭୋଟ ପରେ ତାଙ୍କ ସାଇକେଲ ଚଢ଼ା, ନଡ଼ା ଛପର ଘର, ପୋଖରୀ ଗାଧୁଆ ଦୃଶ୍ୟର ଏତେ ଚର୍ଚ୍ଚା ହେଲା ଯେ ପଦ୍ମ ଦଳର ଶୀର୍ଷ ନେତାମାନେ ତାଙ୍କୁ କେନ୍ଦ୍ରରେ ପ୍ରାଣୀ ଓ ପାଣିଧନ ବିଭାଗ ମନ୍ତ୍ରୀ କରିଦେଲେ। ମାତ୍ର ଦୁଇ ବର୍ଷ ଭିତରେ ନନାଙ୍କ ସବୁ ପାରିବା ପଣିଆ ଜଣା ପଡ଼ିଗଲା। ଦେଶ କ’ଣ, ନିଜ ନିର୍ବାଚନମଣ୍ଡଳୀରେ ପ୍ରାଣୀଧନଙ୍କ ବିକାଶ ହୋଇ ପାରିଲା ନାହିଁ କି ପାଣି ଧନ କୁହାଯାଉଥିବା ମାଛ ଚିଙ୍ଗୁଡ଼ି ଉତ୍ପାଦନ ବଢ଼ିଲା ନାହିଁ। ଏତିକି ବେଳକୁ ବାଲେଶ୍ୱର ସଦର ବିଧାନସଭା ଆସନ ଉପନିର୍ବାଚନରେ ଦଳର ପରାଜୟ ତାଙ୍କ ପତିଆରା ଉପରେ ଟାଣିଦେଲା ବିଶାଳ ପ୍ରଶ୍ନଚିହ୍ନ। ନନାଙ୍କ ପାରିବାପଣିଆ ଜଣାପଡ଼ିବା ପରେ ପଦ୍ମାଧିପତି ତାଙ୍କୁ କେନ୍ଦ୍ରମନ୍ତ୍ରୀ ପଦରୁ ଅବ୍ୟାହତି ଦେଇଦେଲେ। ତଥାପି ନନାଙ୍କ ଚୈତନ୍ୟୋଦୟ ହେଲା ନାହିଁ। ଏବେ ପୁଣିଥରେ ପଦ୍ମ ଟିକଟରେ ପ୍ରାର୍ଥୀ ହେବା ପରେ ନନା ସକ୍ରିୟ ହୋଇଛନ୍ତି, ନିଜର କାର୍ଯ୍ୟ ନିମନ୍ତେ ପଶ୍ଚାତାପ କରୁଛନ୍ତି। ବାଲେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ମନ୍ତ୍ରିତ୍ୱ ସମୟରେ ନିଜ ଅଞ୍ଚଳ ପାଇଁ କୁଆଡ଼େ କିଛି କରି ପାରିଲେ ନାହିଁ ବୋଲି ଭାରି ଅବସୋସ କରି ଆଗାମୀ ଦିନରେ ବହୁତ କିଛି କରିବା ଲକ୍ଷ୍ୟରେ ଧଳା ଘୋଡ଼ା ଆରୋହଣ ପୂର୍ବକ ନିର୍ବାଚନ ଯୁଦ୍ଧକୁ ଓହ୍ଲାଇଛନ୍ତି। ମାତ୍ର ନନାଙ୍କ ହାତରେ ନା ଅଛି ଧନୁ ନା ଅଛି ତୀର। ଗୁଡ଼ ନେଡ଼ି ଡେଇଁ କହୁଣୀ ଧରିଲାଣି। ସବୁଠୁ ବିଡ଼ମ୍ବନା ହେଉଛି ନନା ବସିଥିବା ଘୋଡ଼ାର ଲଗାମ୍ ମ୍ୟାଡ଼ାମ୍ ଲେଖାଶ୍ରୀ ନେଇ ପଳାଇଛନ୍ତି। ବିଚରା ନନା... । ■



## ଯେମିତି କର୍ମ, ସେମିତି ଫଳ

କଟକ-ସମ୍ବଲପୁର ‘ମଣିଷ ଖିଆ’ ରାଜପଥରେ ପ୍ରତିଦିନ କେଉଁଠି ନା କେଉଁଠି ଗାଡ଼ି ମୋଟର ଦୁର୍ଘଟଣା କାହାରି ନା କାହାରି ଜୀବନ ନେଉଛି। ଦୁର୍ଘଟଣାର ଶିକାର ହୋଇ ହଜାର ହଜାର ଲୋକ ଅକର୍ମଣ୍ୟ ହୋଇଛନ୍ତି, ଅନାଥ ହୋଇଛନ୍ତି ଶହଶହ ପରିବାର। ଦଶ ବର୍ଷ ବିତିଥିଲେ ବି କଟକରୁ ଅନୁଗୋଳ ଦେଇ ସମ୍ବଲପୁର ଯାଇଥିବା ୫୫ ନମ୍ବର ରାଜପଥ କାମ ସରୁନାହିଁ। ନିରୀହ ଯାତ୍ରୀ, ପଥଚାରୀଙ୍କ ମୃତ୍ୟୁକୁ ନେଇ ସେମାନଙ୍କ ପରିବାର ଦୁଃଖରେ ମ୍ରିୟମାଣ ହୋଇଛନ୍ତି। ମାତ୍ର ସ୍ଥାନୀୟ ଅଞ୍ଚଳର ପ୍ରଧାନ ନେତା ଏହି ରାସ୍ତା କାମ ନ ସାରିବାକୁ ଯେମିତି ପଣ କରିଛନ୍ତି। ନ ହେଲେ ସାମାନ୍ୟ ସଡ଼କଟିଏ ମରାମତି କରିବା ରାଜ୍ୟ ପଦ୍ମ ଦଳରେ ଅନ୍ୟତମ ପ୍ରଭାବଶାଳୀ ଆଉ କେନ୍ଦ୍ରରେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ କୋଉ ବଡ଼ କଥା ଯେ? କେଉଁ କାରଣ ପାଇଁ ସିଏ ଏହି ରାଜପଥ ମରାମତି ପାଇଁ ଅମନଯୋଗୀ ହେଲେ, ଦଶ ବର୍ଷ ଧରି ଲୋକଙ୍କୁ ଅକଥନୀୟ କଷ୍ଟ ଦେଲେ ତାହାର ଉତ୍ତର କେବଳ ସେ ହିଁ ଜାଣନ୍ତି। ମାତ୍ର ନିଜ କର୍ମଫଳ ଏବେ ତାଙ୍କୁ ଭୋଗିବାକୁ ପଡ଼ୁଛି। ମଣିଷ ଖିଆ ରାଜପଥରେ ଜୀବନ ହରାଇଥିବା ଶହ ଶହ ପରିବାରର ଅଭିଶାପର ବୋଝକୁ ପ୍ରଧାନଙ୍କ ମୁଣ୍ଡକୁ ଓଜନିଆ କରି ଦେଇଛି, ମୁହଁରୁ ଲିଭାଇ ଦେଇଛି ହସ। ମୃତକଙ୍କ ଅକାଳ ମୃତ୍ୟୁ ଜନିତ ଅବସୋସ ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ ପବନରେ ସାଇଁ ସାଇଁ ଶବ୍ଦ କରି ଘୂରି ବୁଲୁଛି। ଦୁର୍ଘଟଣାରେ ଅକର୍ମଣ୍ୟ ଓ ତାଙ୍କର ପରିବାର ଲୋକଙ୍କ ଆଖିରୁ ଝରୁଥିବା ଲୁହ; ମୃତକଙ୍କ ପରିବାର ଓ ଅନାଥ ଛୁଆଙ୍କ ଦୁଃଖ ପ୍ରଧାନଙ୍କ ରାଜନୀତି ପଥରେ ଅନତିକ୍ରମଣୀୟ ପାହାଡ଼ ପରି ଠିଆ ହୋଇଛି। ସେଇଥିପାଇଁ ପରା କହନ୍ତି- ଯେମିତି କର୍ମ, ସେମିତି ଫଳ। ■



## ଭାଗ୍ୟବାନ ସମ୍ବିତଙ୍କ ଦୁଃଖ

ଦାମୋଦର ନନ୍ଦନ ସମ୍ବିତଙ୍କଠାରୁ ସୁଖୀ ଓ ଭାଗ୍ୟବାନ ସଂସାରରେ କମ୍ ଥିବେ। ଦାୟ ନାହିଁ କି ଦାୟିତ୍ୱ ନାହିଁ। ରାଜନୀତିରେ ଯାହା ଦାୟିତ୍ୱ ଥିଲା, ତାହା ତ ପତ୍ନୀ ଗୀତାଞ୍ଜଳି ମୁଣ୍ଡକୁ ନେଇ ଯାଇଛନ୍ତି। ଏହାପରେ ଦାୟମୁକ୍ତ ସମ୍ବିତ୍ ଆନନ୍ଦରେ କୁଆଡ଼େ ଭଜନ କୀର୍ତ୍ତନରେ ମନୋନିବେଶ କରିଛନ୍ତି। ଯେଉଁ କାର୍ଯ୍ୟକ୍ରମକୁ ଯାଉଛନ୍ତି, ସେଠାରେ ଗୋଟାଏ ଯୋଡ଼ାଏ ଭଜନ ଗାଇ ମନକୁ ଉଶ୍ୱାସ କରୁଛନ୍ତି। ଏପରିକି ପତ୍ନୀଙ୍କ ପାଇଁ ପ୍ରଚାର କରିବାକୁ ଯିବା ବେଳେ ବି ଭଜନ ବୋଲୁଛନ୍ତି। ଗଲା ୨୦୧୯ ଭୋଟ ବେଳକୁ ଦାମୋଦର ପଦ୍ମ ଶିବିରରେ ପ୍ରବେଶ କରିବା ସତ୍ତ୍ୱେ ସମ୍ବିତଙ୍କୁ ଶଙ୍ଖ ଚିହ୍ନରେ ଲଢ଼ିବାକୁ ସୁଯୋଗ ଦେଇଥିଲେ ଶଙ୍ଖପତି। ଆଉ ଏବେ ଦାମୋଦରଙ୍କ ଅବର୍ତ୍ତମାନ ତାଙ୍କ ରାଜନୀତି ପଥକୁ କଣ୍ଟକିତ କରିବ ବୋଲି ଚର୍ଚ୍ଚା ହେଉଥିବାବେଳେ ବେଳେ ପରିସ୍ଥିତି ଓ ସମସ୍ତ ଘଟଣା ସମ୍ବିତଙ୍କ ସପକ୍ଷରେ ଯାଇଛି। ପତ୍ନୀ ଗୀତାଞ୍ଜଳି ପାରାଦ୍ୱୀପରୁ ଶଙ୍ଖ ଦଳ ଟିକଟରେ ଲଢ଼ିବାକୁ ସୁଯୋଗ ପାଇବା, ସମ୍ବିତଙ୍କ ପରିବାରର ରାଜନୈତିକ ଯାତ୍ରାପଥରେ ଦୀର୍ଘଦିନ ଧରି ପ୍ରତିଦ୍ୱନ୍ଦ୍ୱୀ ସାଜିଥିବା ବାପି ଓ ତାଙ୍କର ପତ୍ନୀ ମୋନିଦୀପା ଶଙ୍ଖ ରଥରେ ଗୀତାଞ୍ଜଳିଙ୍କ ସାରଥୀ ହେବା କୌଣସି ଚମତ୍କାରଠାରୁ କମ୍ ନୁହେଁ। ଦୀର୍ଘ ଦିନର ଦୁଇ ରାଜନୈତିକ ଶତ୍ରୁ ଏବେ ଗୋଟିଏ ମଞ୍ଚରେ ଏକାଠି ହେବା ପରି ବିରଳ ଦୃଶ୍ୟ ଏବେ ପାରାଦୀପବାସୀ ଦେଖୁଛନ୍ତି। ମାତ୍ର ତାଙ୍କ ଖୁସି ଆଉ ସୁଖରେ କାହା ନଜର ଲାଗିଯିବ ବୋଲି ସମ୍ବିତ୍ କୁଆଡ଼େ ଦୁଃଖରେ ଥିବା ପରି ଅଭିନୟ କରୁଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ‘... କୁହ କେଉଁ ଅପରାଧେ ମୋତେ, କଲ ଦାଣ୍ଡର ଭିକାରୀ...’ ଗୀତ ଗାଇ ବୁଲୁଛନ୍ତି। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।